# ୧୭

# ଭାରତ-ଗୋଟିଏ ଜନମଙ୍ଗଳ ରାଷ୍ଟ୍ର

ରାମକ୍ରିଷ୍ଣା ଓ ତାର ସାଙ୍ଗ ଅବଦୁଲ, ଯେଉଁମାନେ ଚେନ୍ନାଇରୁ ଆସୁଥିଲେ, ସେମାନେ ଦିଲ୍ଲୀ ରେଲଷ୍ଟେସନରେ ଓହ୍ଲାଇଲେ । ଯେତେବେଳେ ସେମାନେ ଗୋଟିଏ ଟ୍ୟାକ୍ସି ଭଡା କରିବା ପାଇଁ ରାସ୍ତା ଅତିକ୍ରମ କୁରଥିଲେ । ରାମକ୍ରିଷ୍ଣ ସହ ଗୋଟିଏ ସାଇକେଲ ରିକ୍ସା ଧକ୍କା ହେଲା । ସେ ସଙ୍ଗେ ସଙ୍ଗେ ଗୋଟିଏ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହେଲା ଓ ସେଠାରେ ଡାକ୍ତର ନିର୍ମଳା ତାର ଚିକିତ୍ସା କଲେ । ଅବଦୁଲ ବ୍ୟସ୍ତ ହୋଇ ରାମକ୍ରିଷ୍ଣାର ମାମୁଁଙ୍କୁ ଟେଲିଫୋନରେ ଜଣାଇ ଦେଲା ଓ ନିଜଘରକୁ ମଧ୍ୟ ଜଣାଇ ଦେଲା । ପ୍ରାୟ ଘଣ୍ଟାଏ ପରେ ଡାକ୍ତର ନିର୍ମଳା ଅବଦୁଲ୍‌କୁ କହିଲେ, କିଛି ବ୍ୟସ୍ତ ହେବାର ନାହିଁ କାରଣ ରାମକ୍ରିଷ୍ଣାର କୌଣସି ବଡ ଧରଣର କ୍ଷତ ହୋଇନାହିଁ । ସେତେବେଳକୁ ରାମକ୍ରିଷ୍ଣାର ମାମୁଁ ଆସି ପହଞ୍ଚିଯାଇଥିଲେ । ରାମକ୍ରିଷ୍ଣା ମଧ୍ୟ ଡାକ୍ତରଖାନାରୁ ଛାଡ଼ ପାଇଲା । ଅବଦୁଲ ଦେଖିଲା ଡାକ୍ତର ତାଙ୍କର ଚିକିତ୍ସା ପାଇଁ କିଛି ଚାର୍ଜ କରି ନାହାଁନ୍ତି । କେବଳ ଔଷଧ ପାଇଁ ସାମାନ୍ୟ କିଛି ଚାର୍ଜ କରିଛନ୍ତି । ସେ ରାମକ୍ରିଷ୍ଣାର ମାମୁଁଙ୍କୁ ପଚାରିଲା ଏହା କିପରି ହେଲା ? ମାମୁଁ ଯେ କି ଜଣେ ଶିକ୍ଷକ କହିଲେ ଯେ, ଭାରତ ଭଳି ଗୋଟିଏ ଦେଶ ଯେ କି ଏକ ଜନମଙ୍ଗଳ ରାଷ୍ଟ୍ର, ତେଣୁ ସେଠାରେ ଏ ସବୁ ସରକାରଙ୍କ ଦାୟିତ୍ୱ । ବର୍ତ୍ତମାନ ଅବଦୁଲ ଗୋଟିଏ ମୌଳିକ ପ୍ରଶ୍ନର ସମ୍ମୁଖୀନ ହେଲା "ଗୋଟିଏ ଜନମଙ୍ଗଳ ରାଜ୍ୟ କହିଲେ କଣ ବୁଝାଯାଏ ?"

## ଉଦ୍ଦେଶ୍ୟ

ଏହି ବିଷୟ ପାଠ କରି ସାରିଲା ପରେ ତୁମେ ଜନମଙ୍ଗଳ ରାଷ୍ଟ୍ରର ଅର୍ଥ ବର୍ଣ୍ଣନା କରିପାରିବ ଓ ଭାରତ କିପରି ଏକ ଜନମଙ୍ଗଳ ରଷ୍ଟ୍ର ତାହା ବୁଝିପାରିବ ।

- କେଉଁ ଉପାଦାନଗୁଡିକ ରାଷ୍ଟ୍ରନୀତି ନିର୍ଦ୍ଦେଶାନାମାକୁ ରଷ୍ଟ୍ରୀୟ ସମ୍ବିଧାନର ଅନ୍ତର୍ଭୁକ୍ତ କରାଇଲା ତାହା ଚିହ୍ନଟ କରିପାରିବ ।
- ଭାରତ ଭଳି ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ଉଦ୍ଦେଶ୍ୟକୁ ଉପଲବ୍ଧ କରିବା ପାଇଁ ନିର୍ଦ୍ଦେଶନାମାର ଗୁରୁତ୍ୱକୁ ଠିକ୍ ରୂପେ ବୁଝିପାରିବ ।



ଟିପ୍ପଣୀ

- ବିଭିନ୍ନ ପ୍ରକାରର ନିର୍ଦ୍ଦେଶନାମାକୁ ଚିହ୍ନଟ କରିପାରିବ ଓ ଶ୍ରେଣୀଭୁକ୍ତ କରିପାରିବ ।
- ମୌଳିକ ଅଧିକାର ଓ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ମଧ୍ୟରେ ପାର୍ଥକ୍ୟ ଜାଣିପାରିବ ।
- ଗୋଟିଏ ଜନମଙ୍ଗଳରାଷ୍ଟ୍ରର ଉଦ୍ଦେଶ୍ୟ ଉପଲବ୍ଧି କରିବା ପାଇଁ ନିର୍ଦ୍ଦେଶନାମା ପ୍ରଣୟନ କରିବାକୁ କି ପଦକ୍ଷେପ ନିଆଯାଇଥିଲା ତାହା ବିଶ୍ଳେଷଣ କରିପାରିବ ।

## ୧୭.୧ ଗୋଟିଏ ଜନମଙ୍ଗଳରାଷ୍ଟ୍ର କଣ ?

"ଜନମଙ୍ଗଳରାଷ୍ଟ୍ର କଣ ?" ଏହି ମୌଳିକ ପ୍ରଶ୍ନ ଅବଦୁଲର ମନକୁ ଆନ୍ଦୋଳିତ କରିଥିଲା, ତାର ଉତ୍ତର କଣ । ଆମେ ଯାହା ଦେଖୁଛୁ ଭାରତକୁ ଏକ ଜନମଙ୍ଗଳରାଷ୍ଟ୍ର କୁହାଯାଏ । ପୃଥିବୀରେ ଏପରି ଅନେକ ରାଷ୍ଟ୍ର ଅଛି, ଯେଉଁ ଗୁଡିକ ମଧ୍ୟ ଜନମଙ୍ଗଳ ରଷ୍ଟ୍ର ବୋଲି ବର୍ଣ୍ଣିତ ହୋଇଛି । ସେଗୁଡିକ ଏହା କୁହାଯାଏ କାହିଁକି ଓ ଅନ୍ୟମାନଙ୍କୁ କାହିଁକି କୁହାଯାଏ ନାହିଁ ? "ଜନମଙ୍ଗଳରାଷ୍ଟ୍ର" କହିଲେ କଣ ବୁଝ ? ଏହା ସରକାରଙ୍କର ଏକ ଆଭିମୁଖ୍ୟ ଯେଉଁଥିରେ ନାଗରିକମାନଙ୍କର ଆର୍ଥିକ ଉନ୍ନତି ଓ ସୁରକ୍ଷା ଏବଂ ସାମାଜିକ ହିତ ସାଧନ ପାଇଁ ରାଷ୍ଟ୍ର ମୁଖ୍ୟ ଭୂମିକା ଗ୍ରହଣ କରେ । ଗୋଟିଏ ଜନମଙ୍ଗଳରାଷ୍ଟ୍ର, ସମାନ ସୁଯୋଗ ପ୍ରଦାନ ଓ ସମ୍ପତ୍ତିର ସୁଷମ ବଣ୍ଟନ ନୀତି ଉପରେ ପ୍ରତିଷ୍ଠିତ । ଗୋଟିଏ ସୁନ୍ଦର ଜୀବନଯାପନ କରିବା ପାଇଁ ସର୍ବନିମ୍ନ ଆବଶ୍ୟକତା ପାଇବା ପାଇଁ ଯେଉଁମାନେ ଅକ୍ଷମ, ସେମାନଙ୍କ ପ୍ରତି ରାଷ୍ଟ୍ରର ଦାୟିତ୍ୱ ଉପରେ ଏହା ଗୁରୁତ୍ୱ ଆରୋପ କରେ । ଏହି ବ୍ୟବସ୍ଥା ଅଧିନରେ ନାଗରିକମାନଙ୍କର ହିତସାଧାନ ହେଉଛି ରାଷ୍ଟ୍ରର ଦାୟିତ୍ୱ । ସ୍ୱାଧୀନତା ପୂର୍ବରୁ ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର ନଥିଲା । ଇଂରେଜମାନଙ୍କ ଶାସନରେ ଏହା ଲୋକମାନଙ୍କର ହିତ ସାଧନ ଓ ସୁରକ୍ଷା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନଥିଲା । ଏହା ଯାହା କରୁଥିଲା, ତାହା ଇଂରେଜ ଔପନିବେଶିକ ସରକାର ସ୍ୱାର୍ଥ ପାଇଁ କରୁଥିଲା ଏବଂ ଭାରତର ଲୋକମାନଙ୍କର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନଥିଲା ।

ଯେତେବେଳେ ଭାରତ ସ୍ୱାଧୀନତା ଲାଭ କଲା, ଏହା ବହୁ ସଂଖ୍ୟାରେ ସମସ୍ୟା ଓ ବାଧାର ସମ୍ମୁଖୀନ ହେଲା । ସାମାଜିକ ଓ ଅର୍ଥନୈତିକ ଅସମାନତା ଚାରିଆଡେ ବ୍ୟାପିଥିଲା । ଆର୍ଥିକ ଦୃଷ୍ଟିରୁ ଭାରତର ଅବସ୍ଥା ବଡ ଦୟନୀୟ ଥିଲା । ସାମାଜିକ ଦୃଷ୍ଟିରୁ ଭାରତର ମଧ୍ୟ ବହୁ ସମସ୍ୟା ରହିଥିଲା । ସାମାଜିକ ଅସମାନତା ବ୍ୟାପି ରହିଥିଲା ଓ ସମାଜର ସମସ୍ତ ଅସୁରକ୍ଷିତ ଶ୍ରେଣୀ ଯଥା ମହିଳା, ଦଳିତ, ଶିଶୁ ପ୍ରଭୃତି ମୌଳିକ ଜୀବନଧାରଣର ସୁବିଧାରୁ ବଞ୍ଚିତ ଥିଲେ । ସମ୍ବିଧାନ ପ୍ରଣେତାମାନେ ବିଶେଷଭାବରେ ଏହି ସବୁ ସମସ୍ୟା ପ୍ରତି ସଚେତନ ଥିଲେ । ସେଥିପାଇଁ ସେମାନ ସ୍ଥିର କରିଥିଲେ ଯେ, ଭାରତ ଗୋଟିଏ ଜନମଙ୍ଗଳ ବା ଜନହିତକାରୀ ରାଷ୍ଟ୍ର ହେବ । ତୁମେ ନିଶ୍ଚିତ ଭାବରେ ଦେଖିଥିବ ଯେ, ଭାରତୀୟ ସମ୍ବିଧାନର ମୁଖବନ୍ଧରେ ଭାରତକୁ ଗୋଟିଏ "ସାର୍ବଭୌମ ସମାଜବାଦୀ ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର" ରାଷ୍ଟ୍ର ବୋଲି ବର୍ଣ୍ଣନା କରାଯାଇଛି । ସେହି ଅନୁସାରେ ଭାରତୀୟ ସମ୍ବିଧାନରେ ଭାରତର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ହିତସାଧାନ ପାଇଁ ବିସ୍ତୃତ ବ୍ୟବସ୍ଥା ରହିଛି । ଏହି ସମ୍ପର୍କରେ ଦୁଇଟି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇଛି । ଗୋଟିଏ ମୌଳିକ ଅଧିକାର ଓ ଅନ୍ୟଟି ରଷ୍ଟ୍ରନୀତି ନିର୍ଦ୍ଦେଶନାମା ।

ଭାରତୀୟ ସମ୍ବିଧାନର ତୃତୀୟ ଭାଗରେ ଅନ୍ତର୍ଭୁକ୍ତ କରାଯାଇଥିବା ମୌଳିକ ଅଧିକାର ନିଶ୍ଚିତ କରେ ଯେ, ସମସ୍ତ ଭାରତୀୟ ନାଗରିକ ସାମାଜିକ-ସ୍ୱାଧୀନତା ଓ ମୌଳିକ ଅଧିକାର ପାଇବେ । ଏହି ସାମାଜିକ ସ୍ୱାଧୀନତା ଦେଶର ସମସ୍ତ ପୂର୍ବବର୍ତ୍ତୀ ଆଇନର ଉର୍ଦ୍ଧ୍ୱରେ । ଏଗୁଡିକ ହେଉଛି ବ୍ୟକ୍ତିଗତ ଅଧିକାର ଯାହା ସାଧାରଣତଃ ମୁକ୍ତ ଗଣତାନ୍ତ୍ରିକ ସମ୍ବିଧାନରେ ଅନ୍ତର୍ଭୁକ୍ତ ହୋଇଥାଏ । ଏହାର କେତୋଟି ମୁଖ୍ୟ ଅଧିକାର ହେଉଛି, ଆଇନ ଦୃଷ୍ଟିରୁ ସମସ୍ତେ ସମାନ । ସ୍ୱାଧୀନ ମତ ପ୍ରକାଶ ଅଧିକାର, ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ରିତ ହେବାର ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା ଏବଂ ସାମାଜିକ ଅଧିକାରର ସୁରକ୍ଷା ପାଇଁ ସାମ୍ବିଧାନିକ ପ୍ରତିକାର ଅଧିକାର । କିନ୍ତୁ ଏହା ଯଥେଷ୍ଟ ନୁହେଁ । ଭାରତୀୟ ନାଗରିକମାନେ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ସୁଯୋଗ ଆବଶ୍ୟକ କରନ୍ତି । ସେଥିପାଇଁ ୪ର୍ଥ ଭାଗରେ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଆମ ସମ୍ବିଧାନର ସଂଯୋଗ କରାଗଲା ।

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୧୭.୧

୧. ତୁମେ ଜନମଙ୍ଗଳରାଷ୍ଟ୍ରର ଅର୍ଥ କ'ଣ ବୁଝୁଛ ?

୨. ସମ୍ବିଧାନ ପ୍ରଣେତାମାନେ କାହିଁକି ସ୍ଥିର କଲେ ଯେ, ଭାରତ ଗୋଟିଏ ଜନମଙ୍ଗଳ ରାଷ୍ଟ୍ର ହେବ ?

୩. ଭାରତୀୟ ସମାଜର ଦୁଇଟି ଶ୍ରେଣୀର ନାମ ଲେଖ, ଯେଉଁମାନେ ପ୍ରଚଳିତ ସାମାଜିକ ଅସମତା ଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି ।

## ୧୭.୨ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା

"ମୌଳିକ ଅଧିକାର" ଓ "ମୌଳିକ କର୍ତ୍ତବ୍ୟ" ବିଷୟରେ ଆମେ ଯାହା ଦେଖୁଅଛୁ, ଭାରତୀୟ ସମ୍ବିଧାନରେ ମୌଳିକ ଅଧିକାର ପ୍ରାଥମିକତଃ ରାଜନୈତିକ ଅଧିକାରକୁ ବୁଝାଏ । ସମ୍ବିଧାନ ପ୍ରଣେତାମାନେ ସଚେତନ ଥିଲେ ଯେ, ଯଦିଓ ସମସ୍ତ ମୌଳିକ ଅଧିକାର କାର୍ଯକାରୀ କରାଯାଇଛି, ଯେ ପର୍ଯ୍ୟନ୍ତ ଭାରତର ଲୋକମାନେ ସାମାଜିକ ଓ ଅର୍ଥନୈତିକ ଅଧିକାର ଲାଭ କରିନାହାଁନ୍ତି, ସେ ପର୍ଯ୍ୟନ୍ତ ଭାରତୀୟ ଗଣତନ୍ତ୍ରର ଲକ୍ଷ୍ୟ ହାସଲ କରାଯାଇ ପାରିବନାହିଁ । ତା ସହିତ ସେମାନେ ମଧ୍ୟ ଭାରତୀୟ ରଷ୍ଟ୍ରର ଦକ୍ଷତା ଓ ପରିସୀମା ପ୍ରତି ସଚେତନ ଥିଲେ ଯେ, ଭାରତ ବହୁ ଶତାବ୍ଦୀ ଧରି ବିଦେଶୀ ଶାସନରେ ରହିବା ପରେ ଭାରତ ସ୍ୱାଧୀନତା ଲାଭା କଲା ଓ ଏହାର ସାମାଜିକ ଅର୍ଥନୈତିକ ଉନ୍ନତି ବହୁ ନିମ୍ନସ୍ତରରେ ରହିଥିଲା । ଏହି ପରିସ୍ଥିତିରେ ଯଦି ଅର୍ଥନୈତିକ, ସାମାଜିକ ଅଧିକାର ମୌଳିକ ଅଧିକାର ତାଲିକାରେ ଲିପିବଦ୍ଧ କରାଯାଏ, ତେବେ ନିଜର ସିମୀତ କ୍ଷମତା ମଧ୍ୟରେ ଭାରତୀୟ ରାଷ୍ଟ୍ର ଏହାକୁ କାର୍ଯ୍ୟକାରୀ କରିବାକୁ ଅକ୍ଷମ ହେବ, କିନ୍ତୁ ଏହା ସହିତ ଏହି ଅଧିକାରଗୁଡ଼ିକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବା ମଧ୍ୟ ଆବଶ୍ୟକ । ସମ୍ବିଧାନର ୪ର୍ଥ Chapter ରେ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା (Directive Principles of State Policy) ନାମରେ ଏକ ସ୍ୱତନ୍ତ୍ର ଅଧ୍ୟାୟ Chapter ଯୋଗକରି ଏହା କରାଗଲା ।

### ୧୭.୨.୧ ଚରିତ୍ର

ରାଷ୍ଟ୍ରନୀତି ନିର୍ଦ୍ଦେଶନାମା କେନ୍ଦ୍ର ଓ ରାଜ୍ୟ ସରକାର ପାଇଁ ନିର୍ଦ୍ଦେଶ ଅଟେ । ସରକାର ଆଇନ ଓ ନୀତି ପ୍ରଣୟନ କଲାବେଳେ ଏହି ନର୍ଦ୍ଦେଶନାମାକୁ ମନରେ ରଖିବାକୁ ପଡିବ । ଏହା ସତ୍ୟ ଯେ, ଭାରତୀୟ ସମ୍ବିଧାନର ଏହି ସବୁ ବ୍ୟବସ୍ଥା ଆଇନ ଯୋଗ୍ୟ ନୁହେଁ ଅର୍ଥାତ୍ ଏହା ନ୍ୟାୟାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ । କିନ୍ତୁ ଏହି ନିୟମଗୁଡ଼ିକ ଦେଶର ଶାସନ ପାଇଁ ପ୍ରାଥମିକତା ଦିଆଯାଏ । ଏହା କେନ୍ଦ୍ର ଓ ରାଜ୍ୟ ସରକାରର ଦାୟିତ୍ୱ ଦେଶରେ ଏକ ଉତ୍ତମ ସମାଜ ଗଠନ ପାଇଁ ଆଇନ କଲାବେଳେ ଏହି ନୀତିଗୁଡ଼ିକ ବ୍ୟବହାର କରିବେ । ନିର୍ଦ୍ଦେଶକ ନିୟମାବଳୀରେ ଥିବା ନୀତିଗୁଡ଼ିକ ଆୟାରଲାଣ୍ଡ ସମ୍ବିଧାନରେ ଥିବା ନିର୍ଦ୍ଦେଶକ ନିୟମାବଳୀ ଓ ଗାନ୍ଧୀଦର୍ଶନର ନିୟମାବଳୀ ଦ୍ୱାରା ପ୍ରଭାବିତ ହୋଇଛି ।

ଏହି ନିୟମାବଳୀଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଉଛି, ଗୋଟିଏ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୃଷ୍ଟି କରିବେ, ଯାହା ଅଧିନରେ ସମସ୍ତ ନାଗରିକ ଅତି ଉତ୍ତମ ଜୀବନଯାପନ କରିପାରିବେ । ଅନ୍ୟ ଅର୍ଥରେ ଏହାର ଲକ୍ଷ୍ୟ ଦେଶରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିବା । ଲକ୍ଷ୍ୟ ହାସଲ କ୍ଷେତ୍ରରେ ସରକାରଙ୍କରର କାର୍ଯ୍ୟକାରିତା ମାପ କରିବା ପାଇଁ ଏହି ନିୟମାବଳୀମାନଙ୍କ ହାତରେ ମାପଦଣ୍ଡ ଭଳି କାର୍ଯ୍ୟ କରେ । ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏହି ନିୟମାବଳୀଗୁଡ଼ିକ ଦ୍ୱାରା ପରିଚାଳିତ । ଏପରିକି ନ୍ୟାୟାଳୟ ମଧ୍ୟ ମାମଲାର ବିଚାର କଲାବେଳେ ଏହି ନିୟମଗୁଡ଼ିକ ମନରେ ରଖିବେ ।

**? ତୁମେ ଜାଣ କି**

- ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ସମ୍ବିଧାନରେ ଧାରା(Article) ୩୬ରୁ ୫୧ ମଧ୍ୟରେ ତାଲିକାଭୁକ୍ତ ହୋଇଛି ।
- ୪୨ତମ ସଂଶୋଧନରେ ଗୋଟିଏ ନୂତନ ନିର୍ଦ୍ଦେଶ ଯୋଗ କରାଯାଇଛି । ଏହା ଘୋଷଣା କରେ ଯେ, ପରିବେଶର ସୁରକ୍ଷା ଓ ଉନ୍ନତି ଓ ଦେଶର ଜଙ୍ଗଲ ଓ ଜଙ୍ଗଲ ଜୀବଜନ୍ତୁଙ୍କୁ ସୁରକ୍ଷା ରାଷ୍ଟ୍ରର ଦାୟିତ୍ୱ ଅଟେ ।

## ପାଠଗତ ପ୍ରଶ୍ନାବଳୀ ୧୭.୨

୧. ଶୂନ୍ୟସ୍ଥାନ ପୂରଣ କର -

(କ) ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଭାରତକୁ ଗୋଟିଏ __________ ରାଷ୍ଟ୍ର କରିବାର ଲକ୍ଷ୍ୟ ରଖିଛି ।

(ଖ) ଆଇନ ଓ ନୀତି ପ୍ରଣୟନ କଲାବେଳେ ଭାରତର __________ ଏହି ନିୟମାବଳୀର ନିର୍ଦ୍ଦେଶ ମନରେ ରଖିବା ଉଚିତ୍ ।

(ଗ) ନିର୍ଦ୍ଦେଶନାମାର ଧାରଣା __________ ସମ୍ବିଧାନରୁ ଅଣାଯାଇଛି ।

(ଘ) ନିର୍ଦ୍ଦେଶନାମାର __________ ସହ ସମ୍ପର୍କ ରହିଛି ।

୨. ତୁମେ କଣ ଭାବୁଛ, ଭାରତୀୟ ସମ୍ବିଧାନ ଯଦି ରାଷ୍ଟ୍ରନୀତି ନିର୍ଦ୍ଦେଶନାମାକୁ ଯୋଗ ନକରେ, ତେବେ ଏହା ଗଣତନ୍ତ୍ରର ମୌଳିକ ନୀତିକୁ ପ୍ରତିଫଳିତ କରିପାରିବ ନାହିଁ ? କାରଣ ଦର୍ଶାଅ ।

### ୧୭.୨.୨ ନିର୍ଦ୍ଦେଶନାମାର ପ୍ରକାର ଭେଦ

ଯଦି ତୁମେ ସମ୍ବିଧାନରେ ପ୍ରକାଶିତ ନିର୍ଦ୍ଦେଶନାମା ଅଧ୍ୟୟନ କରିବ,ତୁମେ ଦେଖିବ ଯେ, ସେଗୁଡିକ ବିଭିନ୍ନ ପ୍ରକାରର । କେତେକ ସାମାଜିକ ଅର୍ଥନୈତିକ ବିକାଶ ସହ ସଂପୃକ୍ତ । କେତେକ ଗାନ୍ଧୀ ନୀତି ସହ ଓ କେତେକ ବିଦେଶନୀତି ସହ ସଂପୃକ୍ତ ।


ସମ୍ବିଧାନ ସେଗୁଡିକୁ ବିଭିନ୍ନ ଭାଗରେ ଶ୍ରେଣୀ ବିଭାଗ କରିନାହିଁ କିନ୍ତୁ ଅଧିକ ଭଲ ଭାବରେ ବୁଝି ପାରିବା ପାଇଁ ଆମେ ସେଗୁଡିକୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦିଷ୍ଟ ଶ୍ରେଣୀରେ ବିଭାଜନ କରିପାରିବା ।

- ସାମାଜିକ ଓ ଅର୍ଥନେତିକ ସମାନତା ବିକାଶ କରୁଥିବା ନିୟମାବଳୀ
- ଗାନ୍ଧୀ ନୀତି ସହ ସମ୍ପର୍କ ନିୟମାବଳୀ
- ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ସହ ସମ୍ପର୍କିତ ନିୟମାବଳୀ
- ଅନ୍ୟାନ୍ୟ ବା ବିବିଧ ନିୟମାବଳୀ

### (କ) ସାମାଜିକ ଓ ଅର୍ଥନୈତିକ ସମତା ବିକାଶ କରୁଥିବା ନିୟମାବଳୀ

କେତେକ ନିୟମାବଳୀ ରହିଛି, ଯାହା କି ଭାରତରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରର ଲକ୍ଷ୍ୟ ହାସଲ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଭାରତରେ ବହୁତ ଲୋକ ଅଛନ୍ତି, ଯେଉଁମାନେ କି ଦୀର୍ଘକାଳ ଧରି ସାମାଜିକ

ଓ ଅର୍ଥନୈତିକ ଅସମାନତାର ଶିକାର ହେଉଛନ୍ତି । ନିମ୍ନଲିଖିତ ନୀତି ଗୁଡିକର ଲକ୍ଷ୍ୟ ହେଉଛି ଆର୍ଥିକ ଓ ସାମାଜିକ ସମାନତା ଆଣିବା ।



ଚିତ୍ର ୧୭.୧ ସାମାଜିକ ଓ ଆର୍ଥିକ ଅସମାନତା

୧. ରାଷ୍ଟ୍ର ତାର ଲୋକମାନଙ୍କୁ ଯଥେଷ୍ଟ ଜୀବନଧାରଣର ସୁବିଧା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ଉଚିତ୍ ।
୨. ଜନକଲ୍ୟାଣ ପାଇଁ ରାଷ୍ଟ୍ର ଗଚ୍ଛିତ ପଦାର୍ଥର ସୁଷମ ବଣ୍ଟନ ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ୍ ।
୩. ରାଷ୍ଟ୍ର ସମ୍ପତ୍ତିର ଏପରି ବଣ୍ଟନ କରିବ, ଯେପରି ତାହା ନିର୍ଦ୍ଦିଷ୍ଟ ଅଳ୍ପ କିଛି ଲୋକଙ୍କ ହାତରେ ସୀମିତ ହୋଇ ରହିବ ନାହିଁ ।
୪. ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ସମାନ କାମକୁ ସମାନ ଦରମା ହେବା ଉଚିତ୍ ।
୫. ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ବାଧ୍ୟତାମୂଳକ ଓ ନିଃଶୁଳ୍କ ଶିକ୍ଷା ପ୍ରଦାନ ପାଇଁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଆଯାଇଛି ।
୬. କାରଖାନା ପରିଚାଳନାରେ ଶ୍ରମିକମାନଙ୍କର ଯୋଗଦାନକୁ ସୁରକ୍ଷା ଦେବା ପାଇଁ ରାଷ୍ଟ୍ର ଚେଷ୍ଟା କରିବା ଉଚିତ୍ ।
୭. ପିଲା ଓ ଯୁବକମାନଙ୍କୁ ଶୋଷଣରୁ ସୁରକ୍ଷା ପ୍ରଦାନ କରାଯିବା ଉଚିତ । ପୁରୁଷ, ମହିଳା ଓ ପିଲାମାନେ ଆର୍ଥିକ ଆବଶ୍ୟକତା ଦୃଷ୍ଟିରୁ ତାଙ୍କର ବୟସ ଓ ଶକ୍ତି ପ୍ରତି ଉପଯୁକ୍ତ ନଥିବା ଚାକିରୀ ବା କାରିଗରୀ କାର୍ଯ୍ୟରେ ଯୋଗଦେବା ପାଇଁ ବାଧ କରାନଯିବା ଉଚିତ୍ ।
୮. ରାଷ୍ଟ୍ର ଲୋକମାନଙ୍କ ପାଖରେ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ୍ (କ) ରୋଜଗାରକ୍ଷମ କାର୍ଯ୍ୟ କରିବାର ଅଧିକାର (ଖ) ଶିକ୍ଷାଗତ ଅଧିକାର (ଗ) ବେରୋଜଗାରୀ, ବୃଦ୍ଧ, ରୋଗୀ ଓ ଅକ୍ଷମମାନଙ୍କ କ୍ଷେତ୍ରରେ ରାଷ୍ଟ୍ରର ସାହାଯ୍ୟ ପାଇବା ଉଚିତ୍ ।
୯. ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ଓ ସହାନୁଭୂତିଶୀଳ ଅବସ୍ଥାରେ କାର୍ଯ୍ୟ ଓ ମହିଳାମାନଙ୍କ ପାଇଁ ମାତୃତ୍ୱ ସାହାଯ୍ୟ ରାଷ୍ଟ୍ର ବ୍ୟବସ୍ଥା କରିବା ଉଚିତ୍ ।

## କାର୍ଯ୍ୟ - ୧୭.୧

### ନିମ୍ନପ୍ରଦତ୍ତ ପରିସ୍ଥିତିକୁ ପାଠ କର ଓ ତତ୍‌ପରବର୍ତ୍ତୀ କାର୍ଯ୍ୟ କର ।

ଗୋଟିଏ କାରଖାନାରେ ପୁରୁଷ ଓ ମହିଳା ଏକତ୍ର କାର୍ଯ୍ୟ କରୁଥିଲେ ଓ ସମାନ ସମୟରେ ସମାନ କାର୍ଯ୍ୟ କରୁଥିଲେ । ମାଲିକ ପୁରୁଷମାନଙ୍କୁ ଅଧିକ ଦରମା ଓ ମହିଳାମାନଙ୍କୁ କମ୍ ଦରମା ଦେଉଥିଲେ । କେଉଁ ନିର୍ଦ୍ଦେଶନାମା ଏଠାରେ ପାଳନ କରାଯାଇନାହିଁ ସୂଚିତ କର ।



ଟିପ୍ପଣୀ

.......................................................................................

.......................................................................................

ଏହା କାହିଁକି ଜନମଙ୍ଗଳ ବା ଜନକଲ୍ୟାଣ ରାଷ୍ଟ୍ରର ନିୟମକୁ ବିରୋଧ କରୁଛି, ତାହା ଲେଖି ଗୋଟିଏ ଜାତୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ ।
ସମ୍ପାଦକଙ୍କୁ ପତ୍ର ।

.......................................................................................

.......................................................................................

.......................................................................................

.......................................................................................

## (ଖ) ଗାନ୍ଧୀନୀତି ସହ ସମ୍ପର୍କିତ ନିୟମାବଳୀ:

ଗାନ୍ଧୀନୀତି ଅହିଂସାପୂର୍ଣ୍ଣ ସାମାଜିକ ଧାରାର ବିକାଶ କରେ । ସ୍ୱରାଜ(Self-rule) ସର୍ବୋଦୟ (welfare to all) ଏବଂ ସ୍ୱାବଲମ୍ବ(self-reliance) ଗାନ୍ଧୀ ଚିନ୍ତାଧାରାର ମୌଳିକ ନୀତି । ଆମେ ସମସ୍ତେ ଭଲ ଭାବରେ ଜାଣିଛୁ, ମହାତ୍ମାଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ସର୍ବାଗ୍ରେ ଥିଲେ । ତାଙ୍କର ଚିନ୍ତାଧାରା ଓ କାର୍ଯ୍ୟକଳାପ କେବଳ ସ୍ୱାଧୀନତା ସଂଗ୍ରାମକୁ ବାଟ ଦେଖାଇ ନଥିଲା, ଭାରତର ସମ୍ବିଧାନ ପ୍ରସ୍ତୁତିକୁ ପ୍ରଭାବିତ କରିଥିଲା । ନିମ୍ନଲିଖିତ ନିର୍ଦ୍ଦେଶନାମା ନିର୍ଦ୍ଦିଷ୍ଟ ଭାବରେ ଗାନ୍ଧୀନୀତିକୁ ପ୍ରତିଫଳିତ କରେ ।

୧. ରାଷ୍ଟ୍ର ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଶିକ୍ଷା ଓ ଆର୍ଥିକ ସ୍ୱାର୍ଥର ବିକାଶ କରିବା ଓ ନିର୍ଦ୍ଦିଷ୍ଟ ଭାବରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସ୍ୱାର୍ଥର ସୁରକ୍ଷା କରିବା ।

୨. ଗ୍ରାମପଞ୍ଚାୟତ ଗଠନ ପାଇଁ ରାଷ୍ଟ୍ର ପଦକ୍ଷେପ ନିଏ । ଏହି ପଞ୍ଚାୟତଗୁଡ଼ିକୁ ଏଭଳି କ୍ଷମତା ଓ ଅଧିକାର ପ୍ରଦାନ କରିବା ଉଚିତ୍ ଯାହାକି ତାକୁ ସ୍ୱାୟତ ଶାସନର ଗୋଟିଏ ୟୁନିଟ୍‌ର କାର୍ଯ୍ୟ କରିବାକୁ ସକ୍ଷମ କରିପାରିବ ।

୩. ରାଷ୍ଟ୍ର ଅଲକହଲ ଯୁକ୍ତ ପାନୀୟ ଓ କ୍ଷତିକାରର ଔଷଧର ବ୍ୟବହାର ବନ୍ଦ କରିବା ପାଇଁ ଉଦ୍ୟମ କରିବ ।

୪. ରାଷ୍ଟ୍ର ଗ୍ରାମାଞ୍ଚଳରେ କୁଟୀର ଶିଳ୍ପର ବିକାଶ ପାଇଁ ଉଦ୍ୟମ କରିବ ।

୫. ରାଷ୍ଟ୍ର ପଶୁଫାର୍ମଗୁଡ଼ିକର ଗୁଣାତ୍ମକମାନ ବୃଦ୍ଧି ପାଇଁ ପଦକ୍ଷେପ ନେବ ଓ ଗାଈ, ବାଛୁରୀ ଓ ଅନ୍ୟାନ୍ୟ ଦୁଗ୍ଧ ପ୍ରଦାନକାରୀ ଗୋମେଷାଦି ପଶୁ ହତ୍ୟା ନିଷେଧ କରିବ ।

### କାର୍ଯ୍ୟ - ୧୭.୨

୧. ସମ୍ବିଧାନର ବ୍ୟବସ୍ଥା ଅନୁସାରେ, ସ୍ଥାନୀୟ ସ୍ୱାୟତ ଶାସନ ଅନୁଷ୍ଠାନଗୁଡ଼ିକରେ ମହିଳାମାନଙ୍କର ୩୩% ପ୍ରତିନିଧିତ୍ୱ ରହିବ । ଅତିକମ୍‌ରେ ଗୋଟିଏ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ସ୍ଥାନୀୟ

ପୌରକାର୍ଯ୍ୟାଳୟକୁ ଯାଅ ଓ ପ୍ରକୃତରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି ନା ନାହିଁ ଦେଖ । ତୁମେ ଯାହା ଲକ୍ଷ୍ୟ କଲ, ନିମ୍ନସାରଣୀ (Table) ରେ ଲିପିବଦ୍ଧ କର ।

| ପଞ୍ଚାୟତ ବା ପୌର ପରିଷଦରେ ଥିବା ମୋଟ ପ୍ରତିନିଧି ସଂଖ୍ୟା | ମହିଳା ପ୍ରତିନିଧିଙ୍କ ମୋଟ ସଂଖ୍ୟା |
|---|---|
| | |

ଦୁଇଜଣ ମହିଳା ପ୍ରତିନିଧିଙ୍କ ସହ ଆଲୋଚନା କର ଓ ତଳ ସାରଣୀ (Table) ପୂରଣ କର ।

| | ୧<br>ନିର୍ବାଚିତ ପ୍ରତିନିଧି | ୨<br>ନିର୍ବାଚିତ ପ୍ରତିନିଧି |
|---|---|---|
| ସେମାନେ ତାଙ୍କ ଅଞ୍ଚଳରେ କରିପାରିଥିବା ୩ଟି ନିର୍ଦ୍ଦିଷ୍ଟ ପରିବର୍ତ୍ତନ | ୧.<br>୨.<br>୩. | ୧.<br>୨.<br>୩. |
| ସେମାନେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସମ୍ମୁଖୀନ ହୋଇଥିବା ୩ଟି ପ୍ରତିବନ୍ଧକ | ୧.<br>୨.<br>୩. | ୧.<br>୨.<br>୩. |

## (ଗ) ଆନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ସହ ସମ୍ପର୍କିତ ନିୟମାବଳୀ

ସମ୍ବିଧାନ ପ୍ରଣେତାମାନେ କେତେଗୁଡ଼ିଏ ନିୟମ ସଂଯୋଜିତ କରି ଅଛନ୍ତି ଯାହାକି ଆମର ବୈଦେଶିକ ନୀତିକୁ ନିର୍ଦ୍ଦେଶିତ କରୁଅଛି । ସେଗୁଡ଼ିକ ହେଉଛି –

୧. ରାଷ୍ଟ୍ର ବୈଦେଶିକ ଶାନ୍ତି ଓ ସୁରକ୍ଷାର ଉନ୍ନତି କରିବ

୨. ରାଷ୍ଟ୍ର ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଉପଯୁକ୍ତ ଓ ସମ୍ମାନଜନକ ସମ୍ପର୍କ ରକ୍ଷା କରିବା ପାଇଁ ଚେଷ୍ଟା କରିବ ।

୩. ରାଷ୍ଟ୍ର ଆନ୍ତର୍ଜାତିକ ଆଇନ ଓ ଚୁକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବ ।

୪. ଆନ୍ତର୍ଜାତିକ ବିବାଦଗୁଡ଼ିକ ପାରସ୍ପରିକ ବୁଝାମଣା ଦ୍ୱାରା ସମାଧାନ କରିବାକୁ ରାଷ୍ଟ୍ର ଉତ୍ସାହିତ କରିବ ।

## (ଘ) ଅନ୍ୟାନ୍ୟ ବା ବିବିଧ ନିୟମାବଳୀ

ଏହାଛଡ଼ା କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଅଛି, ଯାହା ଉପରୋକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ ହୁଏ ନାହିଁ । ସେଗୁଡ଼ିକ ହେଉଛି ।

୧. ପରିବେଶର ସୁରକ୍ଷା ଓ ଉନ୍ନତି ଏବଂ ଦେଶର ଜଙ୍ଗଲ ଓ ବନ୍ୟଜନ୍ତୁମାନଙ୍କର ସୁରକ୍ଷା ପ୍ରତି ରାଷ୍ଟ୍ର ଉଦ୍ୟମ କରିବ ।

୨. ରାଷ୍ଟ୍ରୀୟ ଗୁରୁତ୍ୱ ଥିବା ଐତିହାସିକ ନିର୍ମାଣ, ସ୍ଥାନ ଓ ପଦାର୍ଥର ପରିଚାଳନା ଓ ସୁରକ୍ଷା ପ୍ରତି ରାଷ୍ଟ୍ର ପଦକ୍ଷେପ ନେବ ।

୩. ସାରା ଦେଶ ପାଇଁ ଏକ ପ୍ରକାରର ସାମାଜିକ ଆଇନ ପ୍ରବର୍ତ୍ତନ କରିବାର ଲକ୍ଷ୍ୟ ରଖିବ ।

୪. ନ୍ୟାୟ ବିଭାଗକୁ ଆଇନ ପ୍ରଣୟନ ବିଭାଗଠାରୁ ପୃଥକ କରିବାକୁ ପଦକ୍ଷେପ ନେବ ।

## ପାଠଗତ ପ୍ରଶ୍ନାବଳୀ ୧୭.୩

୧. ମୁଖ୍ୟ ଶ୍ରେଣୀର ରାଷ୍ଟ୍ରନୀତି ନିର୍ଦ୍ଦେଶନାମାଗୁଡିକ ଲେଖ ।

୨. ନିମ୍ନଲିଖିତ ନିୟମାବଳୀକୁ ଉପଯୁକ୍ତ ଶ୍ରେଣୀ ସହ ଯୋଗ କର - ଯେପରି ପ୍ରଥମଟି କରାଯାଇଛି ।

| କ୍ରମ ସଂଖ୍ୟା | ନିର୍ଦ୍ଦେଶକ ନିୟମାବଳୀ | ଅନ୍ତର୍ଭୁକ୍ତ ଶ୍ରେଣୀ |
|---|---|---|
| (କ) | ରାଷ୍ଟ୍ର ତାହାର ଲୋକମାନଙ୍କୁ ଜୀବନ ଧାରଣ ପାଇଁ ଯଥେଷ୍ଟ ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦେବା | ସାମାଜିକ, ଅର୍ଥନୈତିକ ସମାନତା ବିକାଶ କରୁଥିବା ନିୟମାବଳୀ |
| (ଖ) | ନ୍ୟାୟ ବିଭାଗକୁ କାର୍ଯ୍ୟପାଳିକା ଠାରୁ ପୃଥକ କରିବା ପାଇଁ ରାଷ୍ଟ୍ର ପଦକ୍ଷେପ ନେବ । | |
| (ଗ) | ରାଷ୍ଟ୍ର ଗୁଡିକ ମଧ୍ୟରେ ଉପଯୁକ୍ତ ଓ ସମ୍ମାନଜନକ ସମ୍ପର୍କର ରକ୍ଷା ପାଇଁ ରାଷ୍ଟ୍ର ଉଦ୍ୟମ କରିବ । | |
| (ଘ) | ଗ୍ରାମ ପଞ୍ଚାୟତ ପ୍ରତିଷ୍ଠା ପାଇଁ ରାଷ୍ଟ୍ର ଉଦ୍ୟମ କରିବ । | |
| (ଙ) | ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ସମାନ କାର୍ଯ୍ୟ ପାଇଁ ସମାନ ଦରମା ପ୍ରଦାନ । | |
| (ଚ) | ଗ୍ରାମାଞ୍ଚଳରେ କୁଟୀର ଶିଳ୍ପର ବିକାଶ ପାଇଁ ରାଷ୍ଟ୍ର ଉଦ୍ୟମ କରିବ । | |

## ୧୭.୩ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଓ ମୌଳିକ ଅଧିକାର

ତୁମେ ଯାହା ପଢିଛ, ନିର୍ଦ୍ଦେଶନାମାର ଲକ୍ଷ୍ୟ ହେଉଛି, ଜନମଙ୍ଗଳରାଷ୍ଟ୍ର ପ୍ରତିଷ୍ଠା । ମୌଳିକ ଅଧିକାରର ଲକ୍ଷ୍ୟ ମଧ୍ୟ ତା ସହ ସମାନ, କିନ୍ତୁ, ସେ ଦୁଇଟି ମଧ୍ୟରେ କେତେକ ମୌଳିକ ପାର୍ଥକ୍ୟ ରହିଛି ।

ପ୍ରଥମତଃ ନିର୍ଦ୍ଦେଶନାମାଗୁଡିକର ଆଇନଗତ ପ୍ରଭାବ ନାହିଁ । କୌଣସି ସାମ୍ବିଧାନିକ ବ୍ୟବସ୍ଥା ବା ଆଇନ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବାଧ କରିପାରିବ ନାହିଁ । ମୌଳିକ ଅଧିକାରର ଆଇନଗତ ପ୍ରଭାବ ରହିଛି ଏବଂ ଏହା ଆଇନ ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ ।

ମୌଳିକ ଅଧିକାରରୁ କୌଣସି ନାଗରିକକୁ ବଞ୍ଚିତ କରାଯାଇପାରିବ ନାହିଁ । ଏହା ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସୁରକ୍ଷିତ ।

ଦ୍ୱିତୀୟତଃ ଏହି ନିୟମାବଳୀ କେବଳ ରାଷ୍ଟ୍ର ତାର ନୀତି ନିର୍ଦ୍ଧାରଣ କରି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶମାତ୍ର । ଏହି ନୀତିଗୁଡିକ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ଲକ୍ଷ୍ୟକୁ ଉପଲବ୍ଧି କରିବା ପାଇଁ ପଦକ୍ଷେପ ନେବା ଉଚିତ୍ । ମୌଳିକ ଅଧିକାର ସମ୍ବିଧାନ ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଛି ଓ ରାଷ୍ଟ୍ର ପ୍ରତ୍ୟେକ ନାଗରିକର ଏହି ଅଧିକାରକୁ ସୁରକ୍ଷା ଦେବାକୁ ବାଧ ।

ତୃତୀୟତଃ ସମ୍ବିଧାନରେ ସ୍ଥାନିତ ହେବା ଦୃଷ୍ଟିରୁ ନିର୍ଦ୍ଦେଶନାମାଗୁଡ଼ିକ ମୌଳିକ ଅଧିକାର ପରେ ସ୍ଥାନିତ । ଏହାର ଅର୍ଥ ମୌଳିକ ଅଧିକାରର ଗୁରୁତ୍ୱ ନିର୍ଦ୍ଦେଶନାମା ଠାରୁ ଅଧିକ ।

ଯାହା ହେଉ ନା କାହିଁକି, ନିର୍ଦ୍ଦେଶନାମାକୁ କେବେହେଲେ ଅବହେଳା କରାଯାଇ ପାରିବ ନାହିଁ, ଯଦିଓ ଏହାର ମୌଳିକ ଅଧିକାର ଭଳି ସାମ୍ବିଧାନିକ ଗୁରୁତ୍ୱ ନାହିଁ । ନିର୍ଦ୍ଦେଶନାମାର କାର୍ଯ୍ୟକାରିତା ଯେକୌଣସି ସରକାରର ବିଶ୍ୱାସନୀୟତା ଓ ଲୋକପ୍ରିୟତାକୁ ବଢାଇ ଦିଏ, ଯାହାକି ଗଣତନ୍ତ୍ରରେ ସରକାରକୁ ପୁନଃକ୍ଷମତା ଅଧିକାର ପାଇଁ ମୂଳ ଆଧାର ଅଟେ । ମୋଟ ଉପରେ ଏହା ସ୍ପଷ୍ଟ ଅନୁମେୟ ଯେ, ଉଭୟ ନିର୍ଦ୍ଦେଶକ ନିୟମାବଳୀ ଓ ମୌଳିକ ଅଧିକାରର ଲକ୍ଷ୍ୟ ଏକା । ସେମାନେ ପରସ୍ପର ବିରୋଧି ନୁହଁନ୍ତି ବରଂ ପରସ୍ପର ପରିପୂରକ । ମୌଳିକ ଅଧିକାର ରାଜନୈତିକ ଗଣତନ୍ତ୍ରର ପ୍ରତିଶୃତି ଦେଇଥାଏ, ଏବଂ ନିର୍ଦ୍ଦେଶନାମା ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିଥାଏ । ନିର୍ଦ୍ଦେଶନାମାର ପ୍ରକୃତ ଶକ୍ତି ଜାଗ୍ରତ ଜନମତରୁ ଲାଭ କରାଯାଏ । ଯେଉଁ ନୀତିଗୁଡ଼ିକ ଅଧିକାଂଶ ନାଗରିକ ସମର୍ଥନ କରିନ୍ତି, ତାହା ସାଧାରଣତଃ ବହୁ ଆଗ୍ରହ ସହିତ କାର୍ଯ୍ୟକାରୀ କରାଯାଏ । କୌଣସି ସରକାର ଜନସମୁଦାୟର ସ୍ୱାର୍ଥକୁ ଏଡାଇ ଦେଇ ପାରିବ ନାହିଁ । ଆମେ ପ୍ରତ୍ୟେକ ଜନମତ ପାଇଁ ଏକ ଯାନ ଭଳି କାର୍ଯ୍ୟ କରୁ । ଏହା ଉତ୍ତର ଅଟେ ଯେ, ନିର୍ଦ୍ଦେଶନାମାଗୁଡ଼ିକ ଯାହାକୁ ତୁମେ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛ, ତାକୁ କାର୍ଯ୍ୟକାରୀ କରିବା ପାଇଁ ତା ସପକ୍ଷରେ ଜନଗତ ସୃଷ୍ଟି କରିବାକୁ ଚେଷ୍ଟା କରିବା ଉଚିତ୍ ।

**? ତୁମେ ଜାଣ କି**

ସେହଜାଦଖାନ୍ ଓ ସୀମାଧନୁ ଦଳେ ଯୁବକଙ୍କୁ ନେଇ ରାଜସ୍ଥାନର ଜୟପୁର ନିକଟବର୍ତ୍ତୀ ଏକ ଗାଁରେ ଗୋଟିଏ ଦଳ ଗଢିଥିଲେ ଯାହାର ନାମ ବାଳପଞ୍ଚାୟତ । ସେମାନେ ସାମାଜିକ ଉନ୍ନତିର ଏକ ଉଦାହରଣ ହୋଇଯାଇଥିଲେ । ଏହି ଯୁବକ ଦଳ ବିଭିନ୍ନ ବିଷୟ ଉପରେ କାର୍ଯ୍ୟ କରୁଥିଲେ । ଯଥା ପରିଚ୍ଛନ୍ନତା, ଶିକ୍ଷାଗତ ଅଧିକାର, ନିଜଗ୍ରାମ ଓ ନିକଟବର୍ତ୍ତୀ ଗ୍ରାମର ମହିଳାମାନଙ୍କ ଅଧିକାର ଇତ୍ୟାଦି ଶିଶୁ ଶ୍ରମିକ ବ୍ୟବସ୍ଥା ଦୂର କରିବା ପାଇଁ ସେମାନେ ସକ୍ରିୟ ଭାବରେ ଲାଗିଥିଲେ । ଏହି କାରଣରୁ କାମକରୁଥିବା ପିଲାମାନଙ୍କୁ ସ୍କୁଲ ପଠାଇବା ପାଇଁ ସେମାନଙ୍କ ପରିବାର, ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ପ୍ରଭାବିତ କରିବାକୁ ପଡୁଥିଲା । ନିକଟରେ ସେହାଜାଦ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ ଗାଁର ପିଲାମାନଙ୍କ ସମ୍ପର୍କରେ ନିଜର ଆଗ୍ରହ ପ୍ରକାଶ କରିବା ପାଇଁ ଅନୁରୋଧ କରିଥିଲା । ଏହି ଉଦାହରଣ ସୂଚୀତ କରୁଛି ଯେ, ଆମ ଭିତର ସ୍ୱର ଉତ୍ତୋଳନ କରିପାରିବା ଏବଂ ସରକାରଙ୍କୁ ସମାଜର ଉପକାର ପାଇଁ କାର୍ଯ୍ୟ କରାଇପାରିବା ।

## ୧୭.୪ ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର କାର୍ଯ୍ୟକାରିତା

ତୁମେ ଜାଣିବାକୁ ଆଗ୍ରହୀ ଥିବ, କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାପଇଁ କଣ କରିଛନ୍ତି । ତୁମେ ସର୍ବଶିକ୍ଷା ଅଭିଯାନ ସମ୍ପର୍କରେ ଶୁଣିଛ କି ? ଏହା କେନ୍ଦ୍ର ସରକାର ଦ୍ୱାରା ଭାରତର ପ୍ରତ୍ୟେକ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଏକ ବୃହତ୍ କାର୍ଯ୍ୟକ୍ରମ । ତୁମେ ମଧ୍ୟ ଭାରତୀୟ ସଂସଦ ଦ୍ୱାରା ୨୦୦୯ରେ ପାରିତ ହୋଇଥିବା ଶିକ୍ଷାଗତ ଅଧିକାର ବିଷୟରେ ଜାଣିଥାଇପାର । ଏଗୁଡ଼ିକ ହେଉଛି, ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ପାଇଁ ଚେଷ୍ଟାର ଫଳ । ବିହାର ଓ ମଧ୍ୟ ପ୍ରଦେଶ ଭଳି କେତେକ ରାଜ୍ୟ ପଞ୍ଚାୟତ ନିର୍ବାଚନରେ ମହିଳାମାନଙ୍କ ପାଇଁ ଶତକଡା ୫୦ ଭାଗ ସ୍ଥାନ ସଂରକ୍ଷଣ କରିଛନ୍ତି । ଏହି ଉଦାହରଣଗୁଡ଼ିକ ସୂଚୀତ କରେ ଯେ, ଯଦିଓ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାପାଇଁ କୌଣସି ଆଇନଗତ ଶକ୍ତି ନାହିଁ କିମ୍ବା ତାକୁ କାର୍ଯ୍ୟକାରୀ କରିବା ରାଜ୍ୟ ପାଇଁ ବାଧ୍ୟତାମୂଳକ ନୁହେଁ, ତଥାପି





ସରକାର ଏହି ନିୟମଗୁଡିକ କାର୍ଯ୍ୟକାରୀ କରୁଛନ୍ତି । କେତେକ କାର୍ଯ୍ୟକାରୀ କରାଯାଇଥିବା ନିୟମଗୁଡିକ ହେଉଛି-

- ପ୍ରାୟ ସମସ୍ତ ନିଯୁକ୍ତି କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ସ୍ଥିର କରାଯାଇଛି ।
- ଉଭୟ ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ସମାନ କାମ ପାଇଁ ସମାନ ଦରମାର ନିୟମ କରାଯାଇଛି ।
- ଗ୍ରାମାଞ୍ଚଳ ନିଯୁକ୍ତି ବୃଦ୍ଧି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଯୁକ୍ତି ପ୍ରତିଶୃତି ଆକ୍ଟ (MGNREGA)ଏବଂ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା ହେଉଛି ଏହାର ଉଦାହରଣ ।
- ପଞ୍ଚାୟତରାଜକୁ ସାମ୍ବିଧାନିକ ମର୍ଯ୍ୟାଦା ଦିଆଯାଇଛି । ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ ପ୍ରତିଷ୍ଠା କରାଯାଇ କାର୍ଯ୍ୟ କରୁଛି ।
- ସମ୍ବିଧାନର ୮୬ ତମ ସଂଶୋଧନ ଗୃହୀତ ହୋଇ ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା ଏବଂ ଶିକ୍ଷା ଅଧିକାର ଆକ୍ଟ ୨୦୦୯ ପାରିତ ହୋଇ ଏହାକୁ ମୌଳିକ ଶିକ୍ଷାର ଅନ୍ତର୍ଭୁକ୍ତ କରାଯାଇଛି ।
- ପିଲାମାନଙ୍କୁ ଶୋଷଣ ମୁକ୍ତ କରିବା ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି ।
- ଗରୀବ ଓ ପଛୁଆ ଶ୍ରେଣୀ ଏବଂ ହରିଜନ ଓ ଆଦିବାସୀମାନଙ୍କ ପାଇଁ ଅନେକ ମଙ୍ଗଳକର ଯୋଜନା କାର୍ଯ୍ୟକାରୀ କରାଯାଉଛି । ସେମାନଙ୍କ ପାଇଁ ସଂସଦ ଓ ବିଧାନ ସଭାରେ ସ୍ଥାନ ସଂରକ୍ଷଣ କରାଯାଇଚି ।
- ମହିଳାମାନଙ୍କୁ ଶୋଷଣମୁକ୍ତ କରିବା ପାଇଁ ଅନେକ ଆଇନ ଓ ମଙ୍ଗଳକର ଯୋଜନା ଆରମ୍ଭ କରାଯାଇଛି ।
- ସମ୍ବିଧାନର ୪୨ତମ ସଂଶୋଧନ ଗୋଟିଏ ନିର୍ଦ୍ଦେଶନାମା ଯୋଗ କରିଛି, ଯାହାକି ପରିବେଶର ସୁରକ୍ଷା ଓ ଉନ୍ନତି ଏବଂ ଜଙ୍ଗଲ ଓ ବନ୍ୟପ୍ରଣୀମାନଙ୍କର ସୁରକ୍ଷା ପାଇଁ ପ୍ରତିଶ୍ରୁତି ପ୍ରଦାନ କରେ । ନୂତନ ସଂଯୋଜିତ ନିର୍ଦ୍ଦେଶନାମା ଅନୁସାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ବ୍ୟାଘ୍ର ସୁରକ୍ଷା ଯୋଜନା ଗଣ୍ଡା ଓ ହସ୍ତୀ ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରାଯାଇଛି । ନ୍ୟାୟ ବିଭାଗକୁ କାର୍ଯ୍ୟନିର୍ବାହୀ ଠାରୁ ପୃଥକ କରାଯାଇଛି ।
- କୁଟୀର ଶିଳ୍ପମାନ ପ୍ରତିଷ୍ଠା କରାଯାଇଛି ଓ ଟିକସ ରିହାତି ଦେଇ ସେଗୁଡିକ ସୁରକ୍ଷିତ କରାଯାଇଛି ।
- ଆମର ବୈଦେଶିକ ନୀତି ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ଆଇନ ଓ ରାଷ୍ଟ୍ରମାନଙ୍କ ମଧ୍ୟରେ ଉପଯୁକ୍ତ ଓ ମର୍ଯ୍ୟାଦାପୂର୍ଣ୍ଣ ସମ୍ପର୍କ ରକ୍ଷା ସହିତ ସମ୍ପର୍କିତ ଅଟେ ।
- ଭାରତ ସରକାର ବିଶ୍ୱଶାନ୍ତିକୁ ସମର୍ଥନ କରିବା ସହିତ ସେଥିପାଇଁ କାର୍ଯ୍ୟ କରୁଛନ୍ତି ।

ଉପରୋକ୍ତ ବିଷୟବସ୍ତୁରୁ ଏହା ସ୍ପଷ୍ଟ ଯେ, କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ସରକାର ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟ କରନ୍ତି । ବହୁକାର୍ଯ୍ୟ କରାଗଲାଣି, ତଥାପି ଦାରିଦ୍ର୍ୟ, ନିଯୁକ୍ତି ନପାଇବା, ଦୁର୍ବଳ ସ୍ୱାସ୍ଥ୍ୟ ଓ ନିରକ୍ଷରତା ଆଦି ସମସ୍ୟା ଏ ପର୍ଯ୍ୟନ୍ତ ରହିଛି ନିର୍ଦ୍ଦେଶନାମା ଉଦ୍ଦେଶ୍ୟ ହେଉଛି, ଲୋକମାନଙ୍କୁର ଜୀବନର ମାନ ବୃଦ୍ଧି କରିବା ।

ଫଳ ପ୍ରଦର୍ଶନ କରିବା ପାଇଁ ଏହା ସରକାରଙ୍କର ଏକ ନିୟମିତ ବ୍ୟବସ୍ଥା ଓ ଉଦ୍ୟମ ।

## କାର୍ଯ୍ୟ ୧୭.୩

ତୁମ ରାଜ୍ୟରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ସମର୍ଥନରେ କାର୍ଯ୍ୟକାରୀ ହୋଇଥିବା ଚାରୋଟି ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ସଂଗ୍ରହ କର । ତୁମେ ଏହି ସୂଚନା ସ୍ଥାନୀୟ ସମ୍ବାଦ ପତ୍ର, ଇଣ୍ଟରନେଟ୍, ଶିକ୍ଷକଙ୍କ ସହିତ ଆଲୋଚନା ଓ ବୟସ୍କ ଲୋକଙ୍କ ଠାରୁ ସୂଚନାରୁ ପାଇ ପାରିବ ।

| କ୍ରମ ସଂଖ୍ୟା | କାର୍ଯ୍ୟକ୍ରମର ନାମ | କାର୍ଯ୍ୟକାରୀ ହେବାର ସମୟ | ରାଜ୍ୟ/କେନ୍ଦ୍ର ସରକାରର ସାହାଯ୍ୟ |
|---|---|---|---|
| ୧. | | | |
| ୨. | | | |
| ୩. | | | |
| ୪. | | | |

## ପାଠଗତ ପ୍ରଶ୍ନାବଳୀ ୧୭.୪

୧. ସମ୍ବିଧାନ ସଂଶୋଧନର ନାମ ଲେଖ
(କ) ୬-୧୪ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା ଏବଂ
(ଖ) ପରିବେଶର ସୁରକ୍ଷା ଓ ଉନ୍ନତି ଏବଂ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ।

୨. ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଲେଖ ଯାହାକି ନିମ୍ନଲିଖିତ ପ୍ରତ୍ୟେକ ଘଟଣା କାର୍ଯ୍ୟକାରୀ କରିବାରେ ସରକାରଙ୍କୁ ନିର୍ଦ୍ଦେଶ ଦେବ ।

| | ଘଟଣାବଳୀ | ନିର୍ଦ୍ଦେଶନାମା |
|---|---|---|
| (କ) | ଗୋଟିଏ ୧୦ ବର୍ଷର ପିଲା ଗୋଟିଏ ହୋଟେଲରେ ଖୁବ୍ କମ୍ ଦରମାରେ ବାସନ ମାଜୁଛି । | |
| (ଖ) | ଗୋଟିଏ ୮ ବର୍ଷର ଝିଅକୁ ବିଦ୍ୟାଳୟରେ ନାମଲେଖାଇବାକୁ ଦିଆଯାଉନାହିଁ । | |
| (ଗ) | ଆଲକହଲ ଓ କ୍ଷତିକାରକ ଔଷଧର ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି । | |
| (ଘ) | ଐତିହାସିକ ନିର୍ମାଣ ଗୁଡ଼ିକର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ । | |

## ତୁମେ କଣ ଶିକ୍ଷା କଲ ?

- ଜନମଙ୍ଗଳରାଷ୍ଟ୍ର ହେଉଛି ଏକ ରାଷ୍ଟ୍ର ଯେଉଁଠାରେ ଗୋଟିଏ ରାଜ୍ୟ ତାର ନାଗରିକମାନଙ୍କର ଆର୍ଥିକ ଓ ସାମାଜିକ ହିତର ସୁରକ୍ଷା ଓ ବିକାଶ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରେ । ଗୋଟିଏ ଜନମଙ୍ଗଳ ରାଷ୍ଟ୍ରର ମୌଳିକ ନୀତିଗୁଡିକ ହେଉଛି, ସମାନ ସୁଯୋଗ ପ୍ରଦାନ, ସମ୍ପତ୍ତିର ସୁଷମ ବଣ୍ଟନ ଓ ଉତ୍ତମ ଜୀବନଯାପନ ପାଇଁ ସର୍ବନିମ୍ନ ବ୍ୟବସ୍ଥାକୁ ଉପଭୋଗ କରିବାକୁ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଜନସାଧାରଣଙ୍କ ଦାୟିତ୍ୱ ।
- ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ନିର୍ଦ୍ଦେଶନୀତି ସମ୍ବିଧାନରେ ଯୋଗ କରାଗଲା ।
- ନିର୍ଦ୍ଦେଶନୀତିର କୌଣସି ଆଇନଗତ ପ୍ରଭାବ ନାହିଁ ଓ ଏହାର କୌଣସି ନ୍ୟାୟାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ ନାହିଁ ।
- କିନ୍ତୁ ଏହି ନିୟମଗୁଡିକ ଦେଶ ଶାସନ ପାଇଁ ମୌଳିକ ବୋଲି ବିଚାର କରାଯାଏ । ଏହା କେନ୍ଦ୍ର ଓ ରାଜ୍ୟ ସରକାରର କର୍ତ୍ତବ୍ୟ ଯେ, ଦେଶରେ ଗୋଟିଏ ଉପଯୁକ୍ତ ସମାଜ ଗଠନ ପାଇଁ ଆଇନ ପ୍ରଣୟନ କଲାବେଳେ ଏହି ନିୟମଗୁଡିକ ବ୍ୟବହାର କରିବେ ।

  ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ନିମ୍ନୋକ୍ତ ଶ୍ରେଣୀଭୁକ୍ତ କରାଯାଇପାରେ ଯଥା (କ) ସାମାଜିକ ଅର୍ଥନୈତିକ ସମାନତାର ପ୍ରତିଶ୍ରୁତି ଦେଉଥିବା ନିୟମାବଳୀ । (ଖ) ଗାନ୍ଧୀନୀତି ସହ ସମ୍ପର୍କ ଥିବା ନିୟମାବଳୀ । (ଗ) ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ସହ ସମ୍ପର୍କିତ ନିୟମାବଳୀ **(ଘ) ଅନ୍ୟାନ୍ୟ ବା ବିବିଧ ନିୟମାବଳୀ ।**
- ନିର୍ଦ୍ଦେଶନାମା ମୌଳିକ ଅଧିକାର ଠାରୁ ପୃଥକ, କିନ୍ତୁ ଉଭୟ ପରସ୍ପର ସହିତ ପରିପୂରକ ।
- ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରନ୍ତି, କିନ୍ତୁ ଜନମଙ୍ଗଳ ରାଷ୍ଟ୍ରର ଲକ୍ଷ୍ୟ ହାସଲ ପାଇଁ ବହୁତ କିଛି ଆବଶ୍ୟକତା ପୂରଣ କରିବାକୁ ପଡିବ ।

## ଅନ୍ତିମ ପ୍ରଶ୍ନାବଳୀ

୧. ଜନମଙ୍ଗଳ ରାଷ୍ଟ୍ର କହିଲେ, ତୁମେ କଣ ବୁଝ ? ସମ୍ବିଧାନ ପ୍ରଣେତାମାନେ ଭାରତକୁ ଏକ ଜନମଙ୍ଗଳରାଷ୍ଟ୍ର କରିବା ପାଇଁ ସ୍ଥିର କଲେ, କାହିଁକି ?

୨. ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର ଉଦ୍ଦେଶ୍ୟ କ'ଣ ?

୩. ରାଷ୍ଟ୍ରୀୟ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଓ ମୌଳିକ ଅଧିକାର ମଧ୍ୟରେ ପାର୍ଥକ୍ୟ କ'ଣ ? **ବର୍ଣ୍ଣନା କର ।**

୪. କେଉଁ ରାଷ୍ଟ୍ରନୀତି ନିର୍ଦ୍ଦେଶନାମା ଗାନ୍ଧୀନୀତିକୁ ପ୍ରତିଫଳିତ କରିଥାଏ ?

୫. ନିର୍ଦ୍ଦେଶନାମା କିପରି ସାମାଜିକ ଅର୍ଥନୈତିକ ଉନ୍ନତି ଓ ଗୁଣ ବୃଦ୍ଧିକରିବା ପାଇଁ ସାହାଯ୍ୟ କରେ ?

୬. ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରକ୍ରିୟାର ଅଂଶ ଭାବରେ ପାରମ୍ପରିକ ଓ ପରମାଣୁ ବିଶ୍ୱାସ ଗଠନ ପଦକ୍ଷେପ ଆଲୋଚନା କରିବାକୁ ନିକଟରେ ଭାରତ ଓ ପାକିସ୍ତାନର ସଚିବସ୍ତରୀୟ ଆଲୋଚନା ହୋଇଥିଲା । ଏହା ସହିତ କେଉଁ ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର ସମ୍ପର୍କ ରହିଛି ଓ କିପରି ?

୭. କାର୍ଯ୍ୟକାରୀ କରାଯାଇଥିବା ଯେ କୌଣସି ୩ଟି ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର ଆଲୋଚନା କର ।

ନିମ୍ନରେ ଦିଆଯାଇଥିବା ଗଳ୍ପ ପାଠ କରି ପ୍ରଶ୍ନ ଉତ୍ତର ଦିଅ –

ଭୋଲୁର ବୟସ ୧୦ ବର୍ଷ ଓ ସେ ସହରକୁ ଆସିଥିଲା । ଦେଖାଶୁଣା କରିବାକୁ ତାର କେହି ନଥିଲେ । ତେଣୁ ସେ ଛିଣ୍ଡା ଜିନିଷ ବାଛିବା କାର୍ଯ୍ୟ ଆରମ୍ଭ କଲା । ସେ ସେହି ଆଞ୍ଚଳିକ ଡାକ୍ତରଖାନା ବାହାରେ ପାଦଚଲା ରାସ୍ତା ଉପରେ ରହୁଥିଲା । ସେ କୌଣସି ବିଦ୍ୟାଳୟକୁ ପଢିବାକୁ ଯାଇନଥିଲା ଏବଂ ଛିଣ୍ଡା ଜିନିଷ ଯଥା ପ୍ଲାଷ୍ଟିକ୍, ବିଷାକ୍ତ ଅଦରକାରୀ ପଦାର୍ଥ, ଓ ଡାକ୍ତରଖାନାର ଅଦରକାରୀ ପଦାର୍ଥ ଯାହାକି ସ୍ୱାସ୍ଥ୍ୟ ପାଇଁ ବିଶେଷ କ୍ଷତିକାରକ ଓ ଜୀବନ ପାଇଁ ମଧ୍ୟ ବିପଦ ତାକୁ ବାଛିବା କାର୍ଯ୍ୟକରି ଜୀବନଧାରଣ କରୁଥିଲା । ସେ ଦିନକୁ ପ୍ରାୟ ୨୦ ଟଙ୍କା ରୋଜଗାର କରୁଥିଲା ଏବଂ ବଳକା ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବ ବ୍ୟତୀତ ତାର ଅନ୍ୟ ବାଟ ନଥିଲା ।

(କ) ଭୋଲୁର ଏପରି ଅବସ୍ଥା ପାଇଁ କେଉଁ କାରଣ ସମ୍ଭାବନା କରାଯାଇପାରେ ? ଯେ କୌଣସି ଦୁଇଟି ଲେଖ ।

(ଖ) ଭୋଲୁ ଭଳି ପିଲମାନେ ସମ୍ମୁଖୀନ ହେଉଥିବା ପରିସ୍ଥିତି ସହ ସମ୍ପର୍କ ଥିବା ଦୁଇଟି ନିର୍ଦ୍ଦେଶନାମା ଲେଖ ।

(ଗ) ଭୋଲୁର ପରିସ୍ଥିତି ସମ୍ପର୍କରେ ତୁମର ବନ୍ଧୁ ଓ ପରିବାର ସହ ଆଲୋଚନା କର ଏବଂ ଏହାର ଉନ୍ନତି କରିବା ପାଇଁ ଦୁଇଟି ଦିଗର ପ୍ରସ୍ତାବ ଦିଅ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୭.୧.**

୧. ଗୋଟିଏ ଜନମଙ୍ଗଳ ରାଷ୍ଟ୍ର ହେଉଛି ଗୋଟିଏ ସାଧାରଣ ଧାରଣା ଯେଉଁଥିରେ କି, ରାଷ୍ଟ୍ର ଏହାର ନାଗରିକମାନଙ୍କ ଆର୍ଥିକ ଓ ସାମାଜିକ ହିତର ସୁରକ୍ଷା ଓ ଉନ୍ନତି ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରେ । ଏହା ସୁଯୋଗର ସମାନତା ଓ ସମ୍ପତ୍ତିର ସୁଷମ ବଣ୍ଟନ ଆଦି ନିୟମାବଳୀ ଉପରେ ଆଧାରିତ ।

୨. ଯେତେବେଳେ ଭାରତ ସ୍ୱାଧୀନତା ପାଇଲା, ସେତେବେଳେ ତାର ବହୁ ସଂଖ୍ୟାରେ ସମସ୍ୟା ଓ ପ୍ରତିବନ୍ଧକ ରହିଥିଲା । ସେତେବେଳେ ସାମାଜିକ ଅସମାନତା ଓ ସମାଜର ସମସ୍ତ ଅସୁରକ୍ଷିତ ଗୋଷ୍ଠୀ ଯଥା ମହିଳା, ଦଳିତ ଓ ପିଲାମାନେ ମୌଳିକ ଜୀବନଧାରଣର ମାନରୁ ବଞ୍ଚିତ ହେଉଥିଲେ । ସମ୍ବିଧାନ ପ୍ରଣେତାମାନେ ଏହି ସମସ୍ୟା ପ୍ରତି ବିଶେଷ ସଚେତନ ଥିଲେ । ସେଥିପାଇଁ ସେମାନେ ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ର କରିବା ପାଇଁ ସିଦ୍ଧାନ୍ତ ନେଲେ ।

୩. ମହିଳା ଓ ଦଳିତ

**୧୭.୨**

(କ) ଜନହିତକର

(ଖ) କେନ୍ଦ୍ର ଓ ରାଜ୍ୟ ସରକାର

(ଗ) ଆୟାରଲ୍ୟାଣ୍ଡ

(ଘ) ସାମାଜିକ ଓ ଆର୍ଥିକ ଅଧିକାର

୨. ହଁ, ରାଷ୍ଟ୍ରନୀତି ନିର୍ଦ୍ଦେଶନାମାର ମୁଖ୍ୟ ଲକ୍ଷ୍ୟ ହେଉଛି, ସାମାଜିକ ଓ ଅର୍ଥନୈତିକ ଅବସ୍ଥା ସୃଷ୍ଟି କରିବା ଯାହା ଅଧିନରେ ସମସ୍ତ ନାଗରିକ ଉତ୍ତମ ଜୀବନ ଯାପନ କରିପାରିବେ । **ଅନ୍ୟ ଅର୍ଥରେ ଦେଶରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିବା ।**

**୧୭.୩**

**୧. ଆମେ ରାଷ୍ଟ୍ରନୀତି ନିର୍ଦ୍ଦେଶନାମାକୁ ନିମ୍ନଲିଖିତ ନିର୍ଦ୍ଦିଷ୍ଟ ଶ୍ରେଣୀ ଭୁକ୍ତ କରିପାରିବ ।**

(କ) ସାମାଜିକ ଓ ଅର୍ଥନୈତିକ ସମାନତା ବିକାଶ କରିବା ପାଇଁ ନିୟମାବଳୀ
(ଖ) ଗାନ୍ଧୀନୀତି ସହ ସମ୍ପର୍କିତ ନିୟମାବଳୀ
(ଗ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ପ୍ରଦାନ ସମ୍ପର୍କିତ ନିୟମାବଳଈ
(ଘ) ଅନ୍ୟାନ୍ୟ / ବିବିଧ ନିୟମାବଳୀ

୨. (କ) ସାମାଜିକ ଓ ଅର୍ଥନୈତିକ ସମାନତା ବିକାଶ କରୁଥିବା ନିୟମାବଳୀ
(ଖ) ବିବିଧ ନିୟମାବଳୀ
(ଗ) ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ସମ୍ପର୍କିତ ନିୟମାବଳୀ
(ଘ) ଗାନ୍ଧୀନୀତି ସମ୍ପର୍କିତ ନିୟମାବଳୀ
(ଙ) ସାମାଜିକ ଓ ଅର୍ଥନୈତିକ ସମାନତା ବିକାଶ କରୁଥିବା ନିୟମାବଳୀ

**୧୭.୪**

୧ (କ) ୮୬ତମ ସମ୍ବିଧାନ ସଂଶୋଧନ -
(ଖ) ୪୨ତମ ସମ୍ବିଧାନ ସଂଶୋଧନ

୨. (କ) ଶୈଶବ ଓ ଯୌବନକୁ ଶୋଷଣ ବିରୁଦ୍ଧରେ ସୁରକ୍ଷିତ ରଖିବା ଉଚିତ୍
(ଖ) ୧୪ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବାଧ୍ୟତା ମୂଳକ ଓ ମୁକ୍ତ ଶିକ୍ଷା ପ୍ରଦାନ କରିବା ପାଇଁ ରାଷ୍ଟ୍ର ଉଦ୍ୟମ କରିବ ।
(ଗ) ଆଲକହଲଯୁକ୍ତ ପାନୀୟ ଓ ଅନ୍ୟ କ୍ଷତିକାର ଔଷଧର ବ୍ୟବହାର ବନ୍ଦ କରିବା ପାଇଁ ରାଷ୍ଟ୍ର ଉଦ୍ୟମ କରିବ
(ଘ) ବିଭିନ୍ନ ଐତିହାସିକ ନିର୍ମାଣର ସୁରକ୍ଷା ଓ ପରିଚାଳନା ପାଇଁ ରାଷ୍ଟ୍ର ପଦକ୍ଷେପର ନେବ ।

# ୧୮

# ସ୍ଥାନୀୟ ଶାସନ ଓ କ୍ଷେତ୍ର ଶାସନ

ରାମଫାଲ ଗାଁ ଛାଡି ସହରକୁ ଜୀବିକା ଅର୍ଜନ କରିବାକୁ ଆସିଥିଲା । ଯେତେବେଳେ ସେ ଚାକିରୀ ଖଣ୍ଡିଏ ପାଇଗଲା, ତା ପରିବାର ମଧ୍ୟ ଆସି ତା ସହିତ ରହିଲେ । ଆଠ ବର୍ଷ ପରେ ସେ ଓ ତାର ପୁଅ ବିଜୟ ତାର ନିଜ ଗାଁକୁ ବୁଲିବାକୁ ଗଲେ । ଗୋଟିଏ ନୂଆ ହୋଇ ଗଢା ହୋଇଥିବା ପ୍ରାଥମିକ ବିଦ୍ୟାଳୟ ଓ ତାର ଚାରିପଟେ ପାଚେରୀ, ଗୋଟିଏ ଭଲିବଲ ପଡିଆ, ଏବଂ ଗୋଟିଏ ନଳକୂପ ଓ ତା ଚାରିପଟେ ଘେରି ରହିଥିବା ପାର୍କକୁ ଦେଖି ଉଭୟ ବିସ୍ମିତ ହୋଇଗଲେ । ଏସବୁଗୁଡିକ ସେମାନେ ଗାଁ ଛାଡି ଗଲାପରେ ହୋଇଛି । ବିଜୟ ମଧ୍ୟ ଦେଖିଲା ତାର ସାନ କକା ପୁଅ ଭାଇ ଉଚ୍ଚ ଜାତିର ପିଲାମାନଙ୍କ ସହ ଖେଳୁଛି । ଏହା ତା ପାଇଁ ଏକ ଖୁସିର ବିସ୍ମୟ ଥିଲା କାରଣ ପୂର୍ବରୁ ସେମାନେ ଗରୀବ ଓ ଅଛୁଆଁ ବୋଲି ବିବେଚିତ ହେଉଥିବାରୁ ଉଚ୍ଚ ସୁବିଧା ଭୋଗୀ, ଲୋକଙ୍କର ପିଲାମାନଙ୍କ ସହ ତାଙ୍କୁ ଖେଳିବାକୁ ଦିଆଯାଉନଥିଲା । ଏସବୁ କିପରି ଘଟିଲା, ତାହା ଜାଣିବା ପାଇଁ ତା ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହେଲା । ଯେତେବେଳେ ସେ ବିଦ୍ୟାଳୟର ଶିକ୍ଷକଙ୍କୁ ଦେଖା କରିବାକୁ ସୁଯୋଗ ପାଇଲା, ବିଜୟ ତାଙ୍କୁ ଏ ସବୁ ପରିବର୍ତ୍ତନର କାରଣ ପଚାରିଲା । ଶିକ୍ଷକ କହିଲେ ଯେ, ଏହିସବୁ ପରିବର୍ତ୍ତନ ଗୁଡିକ ମୁଖ୍ୟତଃ ଗ୍ରାମପଞ୍ଚାୟତର ନୂତନ ନିର୍ବାଚିତ ସରପଞ୍ଚ ଓ ପଞ୍ଚମାନଙ୍କର ଉଦ୍ୟମ ଓ କ୍ଷେତ୍ରୀୟ ପ୍ରଶାସନ ସହାୟତାର ଫଳ । ବିଜୟ ଆହୁରି ଅଧିକ ଖୁସି ହେଲା ଯେତେବେଳେ ସେ ଜାଣିଲା, ତାର ଜଣେ ଖୁଡୀ ପଞ୍ଚ ଭାବରେ ନିର୍ବାଚିତ ହୋଇଛନ୍ତି । ଗ୍ରାମପଞ୍ଚାୟତ ଭଳି ସ୍ଥାନୀୟ ସରକାରୀ ଅନୁଷ୍ଠାନ ଓ କ୍ଷେତ୍ରୀୟ ପ୍ରଶାସନ ସମ୍ପର୍କରେ ସେ ଅଧିକ ଜାଣିବାକୁ ଇଚ୍ଛାକଲା । ଏହି ଅଧ୍ୟାୟରେ ଶିକ୍ଷକ କହିଥିବା ବିଷୟର ସଂପୂର୍ଣ୍ଣ ବିବରଣୀ ଆଲୋଚିତ ହୋଇଛି ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠକରି ସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବ:

- ଗ୍ରାମ ଓ ସହରରେ ସ୍ଥାନୀୟ ଶାସନ ପ୍ରତିଷ୍ଠାର ଆବଶ୍ୟକତା
- ସ୍ଥାନୀୟ ଶାସନ ମାଧ୍ୟମରେ ଗଣତନ୍ତ୍ରକୁ ବଳିଷ୍ଠ କରିବା ପାଇଁ ଲୋକମାନଙ୍କର ଉଦ୍ୟମ ।
- ଭାରତରେ ସ୍ଥାନୀୟ ସରକାର (ମଫସଲ ଓ ସହରାଞ୍ଚଳରେ)ର ଗଠନ ଓ କାର୍ଯ୍ୟକୁ ବିଶ୍ଳେଷଣ ।
- ଭାରତରେ ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନରେ ହୋଇଥିବା ପରିବର୍ତ୍ତନର ବିଶ୍ଳେଷଣ ଏବଂ
- ନାରୀମାନଙ୍କ ଅଧିକାର ପାଇଁ ନିଆଯାଉଥିବା ପଦକ୍ଷେପ ।

- ଜନ ପ୍ରତିନିଧିଙ୍କୁ ସହାୟତା କରି ସ୍ଥାନୀୟ ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ କ୍ଷେତ୍ରୀୟ ପ୍ରଶାସନର ବିଭିନ୍ନ ସ୍ତରର ପଦାଧିକାରୀମାନଙ୍କ ଆବଶ୍ୟକତା ଓ ଗୁରୁତ୍ୱର ଚିହ୍ନଟ ।
- ଆମର ନିତିଦିନିଆ ଜୀବନରେ ସ୍ଥାନୀୟ ଶାସନର ଭୂମିକା ।

## ୧୮.୧ ସ୍ଥାନୀୟ ସରକାର

ବିଜୟ ଶିକ୍ଷକଙ୍କୁ ପଚାରିଲା, କାହିଁକି ଗ୍ରାମପଞ୍ଚାୟତକୁ ସ୍ଥାନୀୟ ଶାସନ ସଂସ୍ଥା କୁହାଯାଏ । ତୁମେ ବର୍ତ୍ତମାନ ଜାଣି ସାରିବଣି ଯେ, ଭାରତ ଏକ ସଂଘୀୟ ବ୍ୟବସ୍ଥା ହୋଇଥିବାରୁ ଏହାର ଦୁଇଟି ସ୍ତରରେ ସରାକାର ରହିଛି । କେନ୍ଦ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ସ୍ତରରେ ରାଜ୍ୟ ସରକାର । ଏହି ଦୁଇଟି ସରକାର ବ୍ୟତୀତ, ଭାରତୀୟ ସଂବିଧାନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପାଇଁ ଅନେକଗୁଡିଏ ଅନୁଷ୍ଠାନର ବ୍ୟବସ୍ଥା କରାଯାଇଛି ଯାହାକୁ ସ୍ଥାନୀୟ ଶାସନ କୁହାଯାଏ । ଏହା ସରକାରର ତୃତୀୟ ସ୍ତର ଯାହାର ଲକ୍ଷ୍ୟ ହେଉଛି ସ୍ଥାନୀୟ ଅଞ୍ଚଳର ଉନ୍ନତି ଓ ନ୍ୟାୟ ପ୍ରଦାନ ଏବଂ ଏହା କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ଅସ୍ତ୍ର ଭାବରେ କାର୍ଯ୍ୟକରେ । ଏହା ସର୍ବଶ୍ରେଷ୍ଠ ଶାସନ ବୋଲି କୁହାଯାଏ, କାରଣ ଏହାର ସ୍ଥାନୀୟ ଲୋକମାନଙ୍କ ସହିତ ନିବିଡ ସମ୍ପର୍କ ଥାଏ । ସ୍ଥାନୀୟ ସମସ୍ୟା ସମ୍ପର୍କର ଆଲୋଚନା କରିବାକୁ ଉପଯୁକ୍ତ ସ୍ଥାନ ଯୋଗାଏ ଓ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମାଧାନର ପନ୍ଥା ମଧ୍ୟ ବାହାର କରେ । ସ୍ଥାନୀୟ ସରକାର ପ୍ରକୃତ ପକ୍ଷେ ସ୍ଥାନୀୟ ଲୋକଙ୍କର, ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଓ ସ୍ଥାନୀୟ ଲୋକମାନଙ୍କ ପାଇଁ ସରକାର । ଲୋକଙ୍କର ଅତିନିକଟରେ ଥିବାରୁ, ସ୍ଥାନୀୟ ସରକାରୀ ଅନୁଷ୍ଠାନଗୁଡିକ ସମାଜର ନିୟମିତ ନିୟନ୍ତ୍ରଣ ଅଧିନରେ ଥାଏ । ଏହା ସ୍ଥାନୀୟ ସରକାରର ଦାୟିତ୍ୱବୋଧକୁ ବୃଦ୍ଧି କରେ । ପ୍ରକୃତ ପକ୍ଷେ ସ୍ଥାନୀୟ ସ୍ୱାୟତ ଶାସନ ଅନୁଷ୍ଠାନଗୁଡିକର କାର୍ଯ୍ୟ ଏତେ ପରିବ୍ୟାପ୍ତ ଓ ତାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ସ୍ଥାନୀୟ ଲୋକମାନଙ୍କ ନିତିଦିନିଆ ଜୀବନ ସହିତ ଏତେ ନିବିଡ ଯେ, ଏହା ସ୍ଥାନୀୟ ଅଧିବାସୀଙ୍କ ସେବା ଜନ୍ମରୁ ମୃତ୍ୟୁ (Cradle to the grave) ପର୍ଯ୍ୟନ୍ତ କରିଥାଏ ।

ଶିକ୍ଷକ ବିଜୟକୁ ପଚାରିଲେ ସେ ଏହା ଜାଣେ କି ଯେ ପ୍ରାଚୀନ ସମୟରୁ କେତେକ ପ୍ରକାରର ସ୍ଥାନୀୟ ଲୋକମାନଙ୍କ ଉପରେ ନିର୍ଭର କରୁଥିବା ଅନୁଷ୍ଠାନ ଭାରତର ବିଭିନ୍ନ ଅଂଶରେ ଥିଲା । ସେଗୁଡିକ ବିଭିନ୍ନ ନାମରେ ନାମିତ ଯଥା ପଞ୍ଚାୟତ, ବିରଦାରୀ, ବା ଅନ୍ୟ କିଛି ନାମରେ । ବୟୋଜ୍ୟେଷ୍ଠ ବ୍ୟକ୍ତି ବା ଅନ୍ୟ କୌଣସି ବ୍ୟକ୍ତି ଯାହାକୁ ସମସ୍ତେ ନେତା ବୋଲି ଗ୍ରହଣ କରୁଥିଲେ । ସେ ଗ୍ରାମ ବା ଅଞ୍ଚଳର ସଦସ୍ୟମାନଙ୍କ ବିଭିନ୍ନ ସମସ୍ୟା ବିଚାର କରୁଥିଲେ । ବିଭିନ୍ନ ସିନେମା କିମ୍ବା ଦୂରଦର୍ଶନ ସିରିଏଲରେ ତୁମେ ନିଶ୍ଚୟ ଦେଖିଥିବ ଯେ, ପଞ୍ଚାୟତ ଲୋକମାନଙ୍କର ଅଭିଯୋଗ ଶୁଣୁଛନ୍ତି ଓ ସମସ୍ୟାର ସମାଧାନ ପାଇଁ ନିଜର ସିଦ୍ଧାନ୍ତ ଶୁଣାଉଛନ୍ତି । ସ୍ୱନାମଧନ୍ୟ ଲେଖକ ପ୍ରେମଚାନ୍ଦଙ୍କର ଗୋଟିଏ ଗଳ୍ପ "ପଞ୍ଚପରମେଶ୍ୱର" ପଞ୍ଚାୟତର କାର୍ଯ୍ୟ ବର୍ଣ୍ଣନା କରେ । ସେହି ପୂର୍ବ ଐତିହ୍ୟ ସମ୍ବଳିତ ଅନୁଷ୍ଠାନ (Panchayat) ଏବେ ମଧ୍ୟ ଗ୍ରାମାଞ୍ଚଳରେ ରହିଛି ଓ କାର୍ଯ୍ୟକରୁଛି । ଏହି ଐତିହ୍ୟମୟ ଅନୁଷ୍ଠାନକୁ ଦୃଷ୍ଟିରେ ରଖି, ଭାରତ ସରକାର ଲୋକମାନଙ୍କର ମଙ୍ଗଳ ପାଇଁ ସେହି ପଦ୍ଧତିକୁ ପ୍ରଚଳିତ କରିଛନ୍ତି ।


### ୧୮.୧.୧ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ଥାନୀୟ ସରକାର

ସେ ପୁଣିଥରେ କହିଲେ ଯେ, କେବଳ ଗ୍ରାମାଞ୍ଚଳରେ ସ୍ଥାନୀୟ ଶାସନ କାର୍ଯ୍ୟ କରୁନାହିଁ । ସହରାଞ୍ଚଳରେ ମଧ୍ୟ ସ୍ଥାନୀୟ ଶାସନ ସଂସ୍ଥା ରହିଛି, ଯାହାକି ସହାରାଞ୍ଚଳ ଅଧିବାସୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଛି । କେବଳ ଏତିକି ତଫାତ୍ ଯେ, ଗ୍ରାମାଞ୍ଚଳ ସ୍ଥାନୀୟ ସଂସ୍ଥା ଗୋଟିଏ କ୍ଷୁଦ୍ର ଅଞ୍ଚଳ ଓ

ଅଳ୍ପଲୋକସଂଖ୍ୟାକୁ ଦୃଷ୍ଟିଦିଏ କିନ୍ତୁ ସହରାଞ୍ଚଳ ସ୍ଥାନୀୟସଂସ୍ଥା ଗୋଟିଏ ବଡ ଅଞ୍ଚଳ ଓ ବୃହତ୍ତ ଜନସଂଖ୍ୟା ପ୍ରତି ଦୃଷ୍ଟି ଦିଏ । ତେଣୁ ଭାରତର ସ୍ଥାନୀୟ ସରକାର ଦୁଇ ପ୍ରକାରର ଗୋଟିଏ ଗ୍ରାମାଞ୍ଚଳ ପାଇଁ ଓ ଅନ୍ୟଟି ସହରାଞ୍ଚଳ ପାଇଁ । ଗ୍ରାମାଞ୍ଚଳ ସ୍ଥାନୀୟ ଶାସନ ପଦ୍ଧତି ପଞ୍ଚାୟତରାଜ ପଦ୍ଧତି ଏବଂ ସେହି ପଦ୍ଧତି ସହରାଞ୍ଚଳ ସ୍ଥାନୀୟ ସରକାରରେ ବିଭିନ୍ନ ନଗର ଓ ସହରରେ ତିନି ପ୍ରକାରର ଆନୁଷ୍ଠାନିକ ବ୍ୟବସ୍ଥା ରହିଛି । ସେଗୁଡିକ ହେଉଛି ପୌର ନିଗମ ବା ମହାନଗର ନିଗମ, ପୌରାଞ୍ଚଳ ଓ ନଗର ପଞ୍ଚାୟତ । ଉଭୟ ପଞ୍ଚାୟତରାଜ ବ୍ୟବସ୍ଥା ଓ ସହରାଞ୍ଚଳ ସ୍ଥାନୀୟ ସରକାରର ଗଠନ ଓ କାର୍ଯ୍ୟପ୍ରଣାଳୀ ବିଶେଷ ଭାବରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୨ ଦ୍ୱାରା ପ୍ରଭାବିତ ହୋଇଛି ।

## ୧୮.୨ ପଞ୍ଚାୟତରାଜ ବ୍ୟବସ୍ଥା

ଆମେ ପୂର୍ବରୁ ପଢିଛୁ ଯେ, ପୂର୍ବକାଳରେ ପଞ୍ଚାୟତଗୁଡିକ ସାଧାରଣତଃ ନ୍ୟାୟ ପ୍ରଦାନ କରୁଥିଲେ । ସ୍ଥାନୀୟ ବିବାଦ ଓ ଅନ୍ୟାନ୍ୟ ସମସ୍ୟାଗୁଡିକ ପଞ୍ଚାୟତକୁ ପଠାଯାଏ ଓ ସେମାନଙ୍କର ସିଦ୍ଧାନ୍ତ ସାଧାରଣତଃ ସମସ୍ତେ ଗ୍ରହଣ କରୁଥିଲେ । ଆମର ଜାତୀୟ ନେତାମାନେ ଏପରିକି ମହାତ୍ମାଗାନ୍ଧୀଙ୍କର ଏହି ବ୍ୟବସ୍ଥା ଉପରେ ଗଭୀର ବିଶ୍ୱାସ ଥିଲା । ସମ୍ବିଧାନ ପ୍ରଣେତାମାନେ ମଧ୍ୟ ଏହି ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦେଉଥିଲେ ଏବଂ ରଷ୍ଟ୍ର ନୀତି ନିର୍ଦ୍ଦେଶାନାମା (Directive Principles of State Plolicy) ରେ ଏଥିପାଇଁ ବ୍ୟବସ୍ଥା କରିଥିଲେ । ସମ୍ବିଧାନରେ ନିର୍ଦ୍ଦେଶିତ ହୋଇଛି ଯେ ରାଜ୍ୟ, ଗ୍ରାମପଞ୍ଚାୟତ ଗଠନ କରିବା ପାଇଁ ପଦକ୍ଷେପ ନେବ ଓ ତାଙ୍କୁ ଏଭଳି କ୍ଷମତା ଓ ଅଧିକାର ପ୍ରଦାନ କରିବ ଯାହାକି ତାକୁ ସ୍ଥାନୀୟ ସ୍ୱାୟତ୍ତଶାସନର ଗୋଟିଏ ଅଂଶଭାବରେ କାର୍ଯ୍ୟକରିବାକୁ ସକ୍ଷମ କରିପାରିବ ।




ଚିତ୍ର ୧୮.୧

ଏହି ଆଧାରରେ ବର୍ତ୍ତମାନର ପଞ୍ଚାୟତ ପଞ୍ଚମ ପଞ୍ଚ ବାର୍ଷିକ ଯୋଜନା ସମୟରେ ଆରମ୍ଭ ହୋଇଥିବା ଆଞ୍ଚଳିକ ବିକାଶ ଯୋଜନା (Community Development Programme) ଅଧିନରେ କାର୍ଯ୍ୟ ଆରମ୍ଭ କଲା । ଏହି ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ବଲବନ୍ତ ରାୟ ମେହେଟ୍ଟାଙ୍କ



ଟିପ୍ପଣୀ

ସଭାପତିତ୍ୱରେ ଗୋଟିଏ ସଭା (committee) ଗଠନ କରାଗଲା ଯାହାକି ଏହାର ପୂର୍ଣ୍ଣାଙ୍ଗ ଆଲୋଚନା କଲା । ବଲବନ୍ତ ରାୟ ମେହେଟା କମିଟି ତାର ରିପୋର୍ଟ ୧୯୫୭ ମସିହାରେ ଉପସ୍ଥାପିତ କଲା । ସେଥିରେ ସେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଚଳନ ପାଇଁ ସୁପାରିଶ କରିଥିଲେ । ଗ୍ରାମ୍ୟ ସ୍ତରରେ ଗ୍ରାମ ପଞ୍ଚାୟତ, ବ୍ଲକ ସ୍ତର ବା ମାଧ୍ୟମିକ ସ୍ତରେ ପଞ୍ଚାୟତ ସମିତି ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ । ୧୯୫୮ ମସିହାରେ ଜାତୀୟ ବିକାଶ ପରିଷଦ (national Development Council) ସ୍ଥାନୀୟ ସରକାର ଗଠନ ମଧ୍ୟ ଅନୁରୂପ ପଦ୍ଧତିରେ କରିବା ପାଇଁ ସୁପାରିଶ କଲା ଯେଉଁଥିରେ କି ଏହି ବ୍ୟବସ୍ଥାର ସର୍ବନିମ୍ନ ଗ୍ରାମ ଓ ସର୍ବୋଚ୍ଚ ସ୍ଥାନରେ ଜିଲ୍ଲା ରହିଲା । ସେ ଯାହା ହେଉ, ୧୯୯୨ ମସିହାରେ ହୋଇଥିବା ସମ୍ବିଧାନର ୭୩ତମ ସଂଶୋଧନ ପଞ୍ଚାୟତରାଜ ବ୍ୟବସ୍ଥାକୁ ବର୍ତ୍ତମାନର ରୂପ ପ୍ରଦାନ କଲା ।

ବର୍ତ୍ତମାନ ଅଧିକାଂଶ ରାଜ୍ୟରେ ପଞ୍ଚାୟତ ରାଜ ଅନୁଷ୍ଠାନଗୁଡ଼ିକ ତିନୋଟି ସ୍ତରରେ ପ୍ରତିଷ୍ଠା ହୋଇଛି, ଯଥା – ଗ୍ରାମ, ମାଧ୍ୟମିକ, ଜିଲ୍ଲା ସ୍ତରରେ । କିନ୍ତୁ ୨୦ଲକ୍ଷରୁ କମ୍ ଜନସଂଖ୍ୟା ଥିବା ରାଜ୍ୟରେ କେବଳ ଦୁଇଟି ସ୍ତର ରହିଛି, ଗ୍ରାମ୍ୟସ୍ତର ଓ ଜିଲ୍ଲା ସ୍ତର ।




ଚିତ୍ର ୧୮.୨ – ପଞ୍ଚାୟତରାଜ ବ୍ୟବସ୍ଥାର ୩ଟି ସ୍ତର

## ୧୮.୨.୧ ୭୩ତମ ସମ୍ବିଧାନ ସଂଶୋଧନ – ୧୯୯୨

ସମ୍ବିଧାନିକ ଧାରାରେ ୭୩ତମ ସଂଶୋଧନ ଆଇନ (Act) ।୧୯୯୨ ଦେଶର ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗୋଟିଏ ନୂତନ ଯୁଗ ସୃଷ୍ଟି କଲା । ଏହା ପଞ୍ଚାୟତରାଜ ଅନୁଷ୍ଠାନ (PRIS) ଗୁଡ଼ିକୁ ସାମ୍ବିଧାନିକ ଗୁରୁତ୍ୱ ପ୍ରଦାନ କଲା । ଏହି ଆଇନ (Act) ର ମୁଖ୍ୟ ଦିଗ ଗୁଡ଼ିକ ହେଉଛି –

୧. ଏକ ତ୍ରିସ୍ତରୀୟ ଗଠନ ପ୍ରତିଷ୍ଠା – ଗ୍ରାମ ପଞ୍ଚାୟତ, ମାଧ୍ୟମିକ ପଞ୍ଚାୟତ (ପଞ୍ଚାୟତ ସମିତି) ଜିଲ୍ଲା ପଞ୍ଚାୟତ (ଜିଲ୍ଲା ପରିଷଦ)

୨. ପ୍ରତି ୫ ବର୍ଷରେ ନିୟମିତ ନିର୍ବାଚନ

୩. ଜନସଂଖ୍ୟା ଅନୁପାତରେ ଅନୁସୂଚିତ ଜାତି ଓ ଜନଜାତି ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା

୪. ମହିଳାମାନଙ୍କ ପାଇଁ ତିନୋଟି ଯାକ ସ୍ତରରେ ଅତି କମ୍‌ରେ ଏକତୃତୀୟାଂଶ ସ୍ଥାନ ସଂରକ୍ଷଣ

୫. ପଞ୍ଚାୟତର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ପଦକ୍ଷେପ ସୁପାରିଶ କରିବାକୁ ରାଜ୍ୟ ଅର୍ଥ କମିଶନ ଗଠନ ।

୬. ପଞ୍ଚାୟତରାଜ ଅନୁଷ୍ଠାନ(PRI)ର ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ନିର୍ବାଚନ କମିଶନ ଗଠନ

୭. ଜିଲ୍ଲାମାନଙ୍କର ଉନ୍ନୟନ ଯୋଜନା ପ୍ରସ୍ତୁତ ପାଇଁ ରାଜ୍ୟ ଯୋଜନା କମିଶନ ଗଠନ ।

୮. ସମ୍ବିଧାନର ଏକାଦଶତମ ଅନୁଚ୍ଛେଦ (Schedule) ର ଅନ୍ତର୍ଭୁକ୍ତ ୨୯ଟି ବିଷୟରେ ଆର୍ଥିକ ଉନ୍ନତି ଓ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ ଓ ତାର କାର୍ଯ୍ୟକାରିତା ।

୯. ଗ୍ରାମ୍ୟ ସ୍ତରରେ ଗ୍ରାମ ସଭା ପ୍ରତିଷ୍ଠା ଏବଂ ସିଦ୍ଧାନ୍ତ ଗ୍ରହଣକାରୀ ସଂସ୍ଥା ଭାବରେ କ୍ଷମତା ପ୍ରଦାନ ।

୧୦. ପଞ୍ଚାୟତରାଜ (PRI) ଗୁଡ଼ିକରେ ମହିଳା ଓ ତଫସିଲଭୁକ୍ତ ଜାତି ପାଇଁ ସଂରକ୍ଷିତ ସ୍ଥାନ ପରିବର୍ତ୍ତନ ।

ସମ୍ବିଧାନର ୭୩ତମ ସଂଶୋଧନ ଆଇନ ପଞ୍ଚାୟତରାଜ ଅନୁଷ୍ଠାନଗୁଡ଼ିକୁ ପ୍ରଚୁର କ୍ଷମତା ଓ ଅଧିକାର ପ୍ରଦାନ କରିଛି ଯାହା ସେମାନଙ୍କୁ କାର୍ଯ୍ୟକରିବାକୁ ସକ୍ଷମ କରିବା ପାଇଁ ଆବଶ୍ୟକ । କ୍ଷମତା ଓ ଦାୟିତ୍ୱର ବିକେନ୍ଦ୍ରୀକରଣ ପାଇଁ ଏଥିରେ ବ୍ୟବସ୍ଥା ରହିଛି ଯାହାକି (କ) ଆର୍ଥିକ ବିକାଶ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତି । (ଖ) ଆର୍ଥିକ ବିକାଶ ଓ ସାମାଜିକ ନ୍ୟାୟ ଯାହା ତାଙ୍କ ଉପରେ ନ୍ୟସ୍ତ କରାଯାଇଛି, ସେହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ।

### ? ତୁମେ ଜାଣ କି

୭୩ତମ ସମ୍ବିଧାନ ସଂଶୋଧନ ଆଇନ (Act) କାର୍ଯ୍ୟକାରୀ ହେବାପରେ ପ୍ରାୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ (ଜାମୁକାଶ୍ମୀର, ଦିଲ୍ଲୀ ଓ ଉତ୍ତରାଞ୍ଚଳ ବ୍ୟତୀତ) ସେମାନଙ୍କର ଆଇନ ତିଆରି କଲେ । ପ୍ରାୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସ୍ଥାନୀୟ ଶାସନ ସଂସ୍ଥାର ନିର୍ବାଚନ କଲେ । ଯାହା ଫଳରେ ଦେଶରେ ୨,୩୨,୨୭୮ ଗ୍ରାମ୍ୟସ୍ତରରେ ପଞ୍ଚାୟତ, ୬୦୨୨ ମାଧ୍ୟମିକ ସ୍ତରରେ ପଞ୍ଚାୟତ ଓ ୫୩୫ ଜିଲ୍ଲା ସ୍ତରରେ ପଞ୍ଚାୟତ ଗଠିତ ହେଲା । ପଞ୍ଚାୟତର ସମସ୍ତ ସ୍ତରରେ ମିଶି ପ୍ରାୟ ୨୯.୨ ଲକ୍ଷ ନିର୍ବାଚିତ ପ୍ରତିନିଧି କାର୍ଯ୍ୟକଲେ । ପୃଥିବୀର ଯେକୌଣସି ଦେଶ ମଧ୍ୟରେ ଏହା ହେଉଛି, ସବୁଠାରୁ ବଡ ନିର୍ବାଚିତ ପ୍ରତିନିଧି ସଂସ୍ଥା ।

### ପାଠଗତ ପ୍ରଶ୍ନାବଳୀ - ୧୮.୧

୧. ସ୍ଥାନୀୟ ସରକାରର ସଂଜ୍ଞା କଣ ? ସ୍ଥାନୀୟ ସରକାରର ଆବଶ୍ୟକତା ପ୍ରତିପାଦିତ କରିବା ପାଇଁ ଦୁଇଟି ଉଦାହରଣ ପ୍ରଦାନ କର ।

୨. ପ୍ରାଚୀନ ସମୟରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତରାଜ ବ୍ୟବସ୍ଥାର ଅଭ୍ୟୁଦୟ ସୂଚିତ କର ।

୩. ତୁମେ ବାସ କରୁଥିବା ଅଞ୍ଚଳରେ ପ୍ରତିଷ୍ଠିତ ଥିବା ସ୍ଥାନୀୟ ଶାସନ ଅନୁଷ୍ଠାନଗୁଡ଼ିକୁ ଚିହ୍ନଟ କର ଏବଂ ସେଗୁଡ଼ିକର ନାମ କଣ ?

୪. ସ୍ଥାନୀୟ ସରକାର ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ଓ ସାହାଯ୍ୟ କେତେଦୂର ଆମର ଜୀବନକୁ ପ୍ରଭାବିତ କରୁଛି ।

୫. ୭୩ତମ ସମ୍ବିଧାନ ସଂଶୋଧନ ଆଇନ ୧୯୯୨ କେତେ ଦୂର ପଞ୍ଚାୟତରାଜ ବ୍ୟବସ୍ଥାକୁ ପ୍ରଭାବିତ କରୁଛି ?

### କାର୍ଯ୍ୟ - ୧୮.୧

ତୁମ ଶିକ୍ଷକ କିମ୍ବା ପରିବାରର ବୟସ୍କ ଲୋକ ଏବଂ ପଡୋଶୀ କିମ୍ବା ସହପାଠୀଙ୍କୁ ପଚାରି ନିମ୍ନଲିଖିତ ତଥ୍ୟଗୁଡ଼ିକ ବାହାର କର ।

୧. ତୁମେ ବାସ କରୁଥିବା ଗ୍ରାମାଞ୍ଚଳ ବା ସହରାଞ୍ଚଳରେ ପ୍ରତିଷ୍ଠିତ ଥିବା ସ୍ଥାନୀୟ ଶାସନ ଅନୁଷ୍ଠାନ ଗୁଡ଼ିକର ନାମ ଲେଖ ।

୨. ସଂପୃକ୍ତ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ପଦବୀର ନାମ ଓ ସେମାନଙ୍କ ସଂଖ୍ୟା ଲେଖ ।

## ୧୮.୨.୨ ଗ୍ରାମପଞ୍ଚାୟତର ଗଠନ, କାର୍ଯ୍ୟ ଓ ଆୟପନ୍ଥା ।

(କ) ଗଠନ

ଗ୍ରାମାଞ୍ଚଳ ପଞ୍ଚାୟତକୁ ଗ୍ରାମପଞ୍ଚାୟତ କୁହାଯାଏ । ଏହା ପଞ୍ଚାୟତରାଜ ବ୍ୟବସ୍ଥାର ମୌଳିକ ଅନୁଷ୍ଠାନ । ଗ୍ରାମ୍ୟ ସ୍ତରରେ ଗୋଟିଏ ଗ୍ରାମ ସଭା ରହିଛି ଓ ଗ୍ରାମ ପଞ୍ଚାୟତରେ ଜଣେ ସଭାପତି ଯାହାକୁ ଗ୍ରାମପ୍ରଧାନ ବା ସରପଞ୍ଚ (ମୁଖିଆ), ଜଣେ ଉପ-ସଭାପତି ଓ କେତେକ ପଞ୍ଚ ଅଛନ୍ତି । ପ୍ରକୃତ ପକ୍ଷେ ଗ୍ରାମ ପଞ୍ଚାୟତଗୁଡ଼ିକର ଗଠନ କାର୍ଯ୍ୟ ପ୍ରତ୍ୟେକ ରାଜ୍ୟ ସରକାର ଦ୍ୱାରା ପାରିତ ହୋଇଥିବା ଆଇନ ଅନୁସାରେ ଚାଲେ । ସେଥିପାଇଁ ବିଭିନ୍ନ ରାଜ୍ୟରେ କେତେକ ପାର୍ଥକ୍ୟ ଲକ୍ଷ୍ୟ କରାଯାଇପାରେ । କିନ୍ତୁ ପ୍ରାୟତଃ ପଞ୍ଚାୟତରାଜ ଅନୁଷ୍ଠାନ ଗୁଡ଼ିକର ଗଠନ ଓ କାର୍ଯ୍ୟ ନିମ୍ନପ୍ରକାରର ଅଟେ ।

ଗୋଟିଏ ଗ୍ରାମସଭା (Village Assembly) ଗୋଟିଏ ଗ୍ରାମ ବା କେତାଟି ଛୋଟ ଛୋଟ ଗ୍ରାମକୁ ନେଇ ଗଠିତ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବାସ କରୁଥିବା ୧୮ ବର୍ଷରୁ ଅଧିକ ସମସ୍ତ ସାବାଳକ ଭୋଟରଙ୍କୁ ନେଇ ଗଠିତ । ଗ୍ରାମସଭାକୁ ବର୍ତ୍ତମାନ ଗୋଟିଏ ଆଇନଗତ ସଂସ୍ଥାର ମାନ୍ୟତା ଦିଆଯାଇଛି । ଏହା ଆଇନ ପ୍ରଣୟନ ସଂସ୍ଥା ଭଳି କାର୍ଯ୍ୟ କରେ । ଗୋଟିଏ ବର୍ଷରେ ଗ୍ରାମସଭାର ଅନ୍ୟୁନ ଦୁଇଟି ମିଟିଂ ବସେ । ପ୍ରଥମ ସଭା (ମିଟିଂ)ରେ ଗ୍ରାମପଞ୍ଚାୟତର ରିପୋର୍ଟ ସ୍ଥିର କରେ । ଗ୍ରାମସଭାର ମୁଖ୍ୟ କାମ ହେଉଛି ଗ୍ରାମପଞ୍ଚାୟତର ବାର୍ଷିକ ହିସାବ ସମୀକ୍ଷା କରିବା ।



ଚିତ୍ର ୧୮.୩ - ଗ୍ରାମସଭାର ମିଟିଂ

ଯାଞ୍ଚ (Audit) ଓ ପ୍ରଶାସନିକ ରିପୋର୍ଟ ଉପରେ ଆଲୋଚନା, ତାଙ୍କ ପଞ୍ଚାୟତର ବିକାଶ ବ୍ୟବସ୍ଥା, ଏବଂ ଆଞ୍ଚଳିକ ସେବା, ସ୍ୱତଃପ୍ରବୃତ୍ତ ଶ୍ରମଦାନ ଗ୍ରହଣ ଓ ପଞ୍ଚାୟତ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ । ଗ୍ରାମସଭାର ସଭ୍ୟମାନେ ଗ୍ରାମପଞ୍ଚାୟତର ସଭ୍ୟ ଏବଂ ସଭାପତିଙ୍କୁ ନିର୍ବାଚିତ କରନ୍ତି । ରାଜ୍ୟଗୁଡିକ ନିଶ୍ଚିତ ହେବା ଆବଶ୍ୟକ ଯେ, ତାଙ୍କ ଅଞ୍ଚଳର ସମସ୍ତ ଗ୍ରାମସଭା କାର୍ଯ୍ୟକ୍ଷମ ରହିଛି ।

ଗ୍ରାମାପଞ୍ଚାୟତ ଗ୍ରାମ ସଭାର କାର୍ଯ୍ୟନିର୍ବାହୀ ସଭା (Committee) । ଏହା ଗ୍ରାମ୍ୟ ସ୍ଥାନୀୟ ସ୍ୱାୟତ ଶାସନର ଅତି ଗୁରତ୍ୱପୂର୍ଣ୍ଣ ସଂସ୍ଥା । ଗ୍ରାମ ସଭାର ସମସ୍ତ ସଦସ୍ୟ ଭୋଟର ଅଟନ୍ତି ଓ ସେମାନେ ପଞ୍ଚାୟତର ସଦସ୍ୟମାନଙ୍କୁ ଗୁପ୍ତଭୋଟ ଦ୍ୱାରା ନିର୍ବାଚିତ କରନ୍ତି । ଅଧିକାଂଶ ରାଜ୍ୟରେ ଗୋଟିଏ ପଞ୍ଚାୟତରେ ୫ରୁ ୯ ଜଣ ପର୍ଯ୍ୟନ୍ତ ସଦସ୍ୟ ଥାଆନ୍ତି । ତାଙ୍କୁ ପଞ୍ଚ କୁହାଯାଏ । ପ୍ରତ୍ୟେକ ପଞ୍ଚାୟତରେ ଏକ ତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ । ଆଉ ମଧ୍ୟ କେତେକ ରାଜ୍ୟରେ ମହିଳାମାନଙ୍କ ପାଇଁ ଆନୁପାତିକ ସଂରକ୍ଷିତ ସ୍ଥାନ ମଧ୍ୟ ଅଧିକ ଥାଏ । ତଫସିଲ ଭୁକ୍ତ ଜାତି ଓ ଜନଜାତିର ଲୋକମାନଙ୍କ ପାଇଁ ମଧ୍ୟ ସ୍ଥାନ ସଂରକ୍ଷିତ ଥାଏ । ପଞ୍ଚାୟତର ସରପଞ୍ଚ (ମୁଖିଆ) ଗ୍ରାମର ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ବର୍ତ୍ତମାନ କେତୋଟି ସରପଞ୍ଚ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ ଓ କେତେକ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକଙ୍କ ପାଇଁ ସଂରକ୍ଷିତ । ସରପଞ୍ଚ ପଞ୍ଚାୟତର ସଭା ଡାକନ୍ତି ଓ ସେଥିରେ ସଭାପତିତ୍ୱ କରନ୍ତି । ତାଙ୍କୁ ପ୍ରତିମାସରେ ଅନ୍ୟୁନ ଗୋଟିଏ ମିଟିଂ ଡାକିବାକୁ ପଡେ । ପଞ୍ଚମାନେ ମଧ୍ୟ ତାଙ୍କୁ ସ୍ୱତନ୍ତ୍ର ସଭା ଡାକିବାକୁ ଅନୁରୋଧ କରିପାରନ୍ତି । ସେ ଅନୁରୋଧର ତିନିଦିନ ଭିତରେ ସ୍ୱତନ୍ତ୍ର ସଭା ଡାକନ୍ତି । ସରପଞ୍ଚ ପଞ୍ଚାୟତ ସଭାର ରେକର୍ଡ ରଖନ୍ତି । ପଞ୍ଚାୟତ ମଧ୍ୟ ତାଙ୍କୁ କୌଣସି ସ୍ୱତନ୍ତ୍ର କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି । ପଞ୍ଚାୟତର ସଭ୍ୟମାନଙ୍କ ଦ୍ୱାରା ଜଣେ ଉପସଭାପତି ମଧ୍ୟ ନିର୍ବାଚିତ ହୁଅନ୍ତି । ଗ୍ରାମପଞ୍ଚାୟତର କାର୍ଯ୍ୟକାଳ ୫ ବର୍ଷ ।

## (ଖ) ଗ୍ରାମପଞ୍ଚାୟତର କାର୍ଯ୍ୟ

ବିଜୟ ଗ୍ରାମପଞ୍ଚାୟତ ବିଷୟରେ ଅଧିକଜାଣିବା ପାଇଁ ଆଗ୍ରହ ପ୍ରକାଶ କଲା ଓ ଶିକ୍ଷକଙ୍କୁ ଏହି ଅନୁଷ୍ଠାନର  କାର୍ଯ୍ୟ ଓ ଆୟପନ୍ଥା ବିଷୟରେ ପଚାରିଲା । ଶିକ୍ଷକ ତାକୁ ସମ୍ପୂର୍ଣ୍ଣ ଭାବରେ ବର୍ଣ୍ଣନା କଲେ । ଗ୍ରାମପଞ୍ଚାୟତର ସମସ୍ତ ବଡ କାର୍ଯ୍ୟକ୍ରମ ଗ୍ରାମର କଲ୍ୟାଣ ଓ ଉନ୍ନତି ପାଇଁ ଉଦ୍ଦିଷ୍ଟ ।

ଗ୍ରାମବାସୀମାନଙ୍କର ଆବଶ୍ୟକତା ପୂରଣ କରିବାପାଇଁ ଗ୍ରାମ ପଞ୍ଚାୟତକୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିବାକୁ ପଡିଥାଏ । ଯଥା – ପାନୀୟ ଜଳର ବ୍ୟବସ୍ଥା, ପକ୍କାରାସ୍ତା ନିର୍ମାଣ, ଜଳ ନିଷ୍କାସନ ପାଇଁ ନାଳ ନିର୍ମାଣ ଓ ରକ୍ଷଣାବେକ୍ଷଣ, ଗ୍ରାମର ପରିଷ୍କାର ପରିଚ୍ଛନ୍ନତା, ରାସ୍ତା ଆଲୋକ, ଡାକ୍ତରଖାନା ପ୍ରଭୃତିର ରକ୍ଷଣାବେକ୍ଷଣ । ଏହି କାର୍ଯ୍ୟଗୁଡିକ ବାଧ୍ୟତାମୂଳକ କାର୍ଯ୍ୟ । ଆଉ କେତେକ କାର୍ଯ୍ୟ ଇଚ୍ଛାଧିନ କାର୍ଯ୍ୟ ଓ ଯଦି ପଞ୍ଚାୟତର ଆୟ ଥାଏ, ତେବେ ତାହା କରାଯାଇପାରେ । ଏଗୁଡିକ ହେଉଛି ବୃକ୍ଷରୋପଣ, ଗୋମେଷାଦିପଶୁଙ୍କ ପାଇଁ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ, କ୍ରିଡା ପାଇଁ ଖେଳପଡିଆର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ, ପାଠାଗାର ପ୍ରତିଷ୍ଠା ଓ ପରିଚାଳନା । ମଝିରେ ମଝିରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଉ କେତେକ କାର୍ଯ୍ୟ ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇପାରେ । ପଞ୍ଚାୟତର ଏ ସବୁ କାର୍ଯ୍ୟ ସହିତ ଗ୍ରାମର ପ୍ରତ୍ୟେକ ଲୋକଙ୍କର ତାଙ୍କ ନିଜ ଗ୍ରାମ ପ୍ରତି କେତେକ କର୍ତ୍ତବ୍ୟ ରହିଛି । ପ୍ରତ୍ୟେକ ନିଜ ଘର ଚାରିପଟ ସଫା ରଖିବା, ପାନୀୟ ଜଳ ନଷ୍ଟ କରିବା ଏବଂ ଅଧିକରୁ ଅଧିକ ଗଛ ଲଗାଇବା ଉଚିତ୍ ।

## (ଗ) ଗ୍ରାମପଞ୍ଚାୟତର ଆୟପନ୍ଥା

ପଞ୍ଚାୟତର ବାଧତାମୂଳକ କାର୍ଯ୍ୟ ହେଉ ବା ଉନ୍ନତି ମୂଳକ କାର୍ଯ୍ୟ ହେଉ, ତାହା ସମ୍ପାଦନ କରିବା ପାଇଁ ଆର୍ଥିକ ସମ୍ପଦ ନିତାନ୍ତ ଆବଶ୍ୟକ । ଗ୍ରାମପଞ୍ଚାୟତ ବିଶେଷ ଭଲ ଭାବରେ କାର୍ଯ୍ୟ କରିପାରିବ ଯଦି ତାର ଯଥେଷ୍ଟ ଅର୍ଥ ଖର୍ଚ୍ଚ କରିବା ପାଇଁ ଶକ୍ତି ଥାଏ । ସର୍ବୋପରି ସରକାରୀ ଅନୁଦାନ ସହିତ ରାଜ୍ୟ ସରକାର ଗ୍ରାମପଞ୍ଚାୟତକୁ ଟିକସ ବସାଇବା ଓ ଅର୍ଥ ଆଦାୟ କରିବାର କ୍ଷମତା ପ୍ରଦାନ କରିଛନ୍ତି ।

### ନିମ୍ନରେ କେତେଗୁଡ଼ିଏ ଆୟର ଉତ୍ସ ପ୍ରଦତ୍ତ ହୋଇଛି ।

୧. ସମ୍ପତ୍ତି, ଜମି, ଜିନିଷପତ୍ର ଓ ଗୋମେଷାଦି ପଶୁଙ୍କ ଉପରେ ଟିକସ
୨. ବିବାହ ମଣ୍ଡପ ଓ ପଞ୍ଚାୟତର ଅନ୍ୟ କୌଣସି ସମ୍ପତ୍ତିରୁ ଟିକସ ଆଦାୟ ସୁବିଧା
୩. ଦୋଷୀମାନଙ୍କ ଠାରୁ ଆଦାୟ ହେଉଥିବା ବିଭିନ୍ନ ପ୍ରକାର ଜୋରିମାନା
୪. ରାଜ୍ୟ ସରକାର ଓ କେନ୍ଦ୍ର ସରକାରରୁ ମିଳୁଥିବା ଅନୁଦାନ
୫. ରାଜ୍ୟ ସରକାର ଆଦାୟ କରୁଥିବା ଜମିଖଜଣାର ଗୋଟିଏ ଅଂଶ ପଞ୍ଚାୟତକୁ ପ୍ରଦାନ କରନ୍ତି ।
୬. ଗ୍ରାମବାସୀଙ୍କ ଠାରୁ କୌଣସି ସାମୂହିକ କାର୍ଯ୍ୟ ପାଇଁ ଆଦାୟ ହେଉଥିବା ସାହାଯ୍ୟ

## କାର୍ଯ୍ୟ - ୧୮.୨

ତୁମ ଭଳି ଯୁବକମାନେ ସମାଜ ଉପରେ କିପରି ପ୍ରଭାବ ପକାଇ ପାରିଛନ୍ତି, ତାହା ତୁମେ କେବେ ଭାବିଛ କି ?

ଜଣେ ଯୁବକର ନିମ୍ନ ପ୍ରଦତ୍ତ ଅନୁଭୂତି ପାଠ କର ।

ବିମଳାଦେବୀ ସୁନ୍ଦର ଗାଁର ୪୩ବର୍ଷ ବୟସ୍କ ସରପଞ୍ଚ ଅଟନ୍ତି । ସେ କେବଳ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ସରପଞ୍ଚ ହେଲାପରେ ସେ ଅନେକ ଗୁଡ଼ିଏ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ କଲେ । ସେଗୁଡ଼ିକ ହେଉଛି ରାସ୍ତା ନିର୍ମାଣ, ଜଳନିଷ୍କାସନ ବ୍ୟବସ୍ଥା, ପାର୍କ କିମ୍ବା ଲୋକମାନଙ୍କ ଭିତରେ କୃଷି ଓ ସ୍ୱାସ୍ଥ୍ୟର ସୁବିଧା ପାଇଁ ସଚେତନତା ସୃଷ୍ଟି । ଘରୋଇ ଗଣ୍ଡଗୋଳର ସମାଧାନ ପାଇଁ ସେ ମଧ୍ୟ ମୁଖ୍ୟ ଅଂଶ ଗ୍ରହଣ କଲେ । ସେ ଯାହା କହିଲେ, ତାଙ୍କର ପୁରୁଷ ପ୍ରଭୁତ୍ୱ ଥିବା ଗ୍ରାମରେ ସରପଞ୍ଚ ଭଳି ପଦ ସେ ପାଇ ପାରିବେ, ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । କିନ୍ତୁ ବର୍ତ୍ତମାନ ସେ ତାଙ୍କ ଗ୍ରାମରେ ଅନେକ କିଛି ଜନମଙ୍ଗଳକାରୀ ପରିବର୍ତ୍ତନ ଆଣିପାରିବେ ବୋଲି ଦୃଢ଼ ନିଶ୍ଚିତ ହୋଇପାରିଛନ୍ତି ।

*ଏହି ଅନୁଭୂତି ଆଧାରରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ -*

- କେଉଁ ସମ୍ବିଧାନ ସଂଶୋଧନ ଦ୍ୱାରା ବିମଳା ଦେବୀ ଯାହା କଲେ ତାହା କରିବା ସମ୍ଭବ ହେଲା ?
- ମହିଳାମାନଙ୍କୁ କ୍ଷମତା ପ୍ରଦାନ କ୍ଷେତ୍ରରେ ସମ୍ବିଧାନ ସଂଶୋଧନର ପ୍ରଭାବ କଣ ବୋଲି ତୁମେ ଭାବୁଛ ?
- ଅତିକମ୍‌ରେ ତୁମ ସମାଜ ସମ୍ପର୍କିତ ଦୁଇଟି ଘଟଣା ବର୍ଣ୍ଣନା କର, ଯାହାକି ତୁମକୁ ବିବ୍ରତ କରିଥିଲା ।
- ତୁମ ବନ୍ଧୁଙ୍କ ସହ ଆଲୋଚନା କରି ତୁମେ ନେବାକୁ ଚାହୁଁଥିବା ବିଭିନ୍ନ କାର୍ଯ୍ୟକ୍ରମର ଗୋଟିଏ ସାରଣୀ ତିଆରି କର ଯାହାକି ତୁମେ ବାସ କରୁଥିବା ସମାଜ ଉପରେ ଅନୁକୂଳ ପ୍ରଭାବ ପକାଇବ ।

## ୧୮.୨.୩ ପଞ୍ଚାୟତ ସମିତିର ଗଠନ ଓ କାର୍ଯ୍ୟ

### (କ) ଗଠନ

ପଞ୍ଚାୟତ ସମିତି, ପଞ୍ଚାୟତରାଜ ବ୍ୟବସ୍ଥାର ମାଧ୍ୟମିକ ବା ମଧ୍ୟସ୍ତର । ଏହା ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ନାମରେ ନାମିତ । ଏହାର ଗଠନ ଓ କାର୍ଯ୍ୟରେ ମଧ୍ୟ ପାର୍ଥକ୍ୟ ରହିଛି କାରଣ ଏହା ସଂପୃକ୍ତ ରାଜ୍ୟ ଦ୍ୱାରା ପାରିତ ହୋଇଥିବା ଆଇନ (Act) ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଏହା ଗୋଟିଏ ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟକ୍ରମ ମଧ୍ୟରେ ସହଯୋଗ ସ୍ଥାପନ କରେ । ପଞ୍ଚାୟତ ସମିତି ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠିତ ।

- ବ୍ଲକରେ ଥିବା ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ (ମୁଖିଆ)
- ବ୍ଲକର ସମସ୍ତ MPS, MLAS, MLCS, (ସାଂସଦ, ବିଧାନସଭା ସଦସ୍ୟ, ବିଧାନ ପରିଷଦ ସଦସ୍ୟ)
- କେତେକ ପ୍ରତ୍ୟକ୍ଷ ନିର୍ବାଚିତ ସଦସ୍ୟ
- ସେହି ବ୍ଲକରୁ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟ
- ସେହି ବ୍ଲକର କେତେକ ଅଧିକାରୀ

**? ତୁମେ ଜାଣ କି**

ପଞ୍ଚାୟତ ସମିତି ବ୍ଲକ ସ୍ତରରେ ଥାଏ । ପ୍ରତ୍ୟେକ ବ୍ଲକ କେତେଗୁଡ଼ିଏ ପଞ୍ଚାୟତକୁ ନେଇ ଗଠିତ । ବିଭିନ୍ନ ରାଜ୍ୟରେ ଏହା ବିଭିନ୍ନ ନାମରେ ନାମିତ । ଯଥା – ଆନ୍ଧ୍ରପ୍ରଦେଶରେ ମଣ୍ଡଳପ୍ରଜା ପରିଷଦ, ଆସାମରେ ଆଞ୍ଚଳିକ ପଞ୍ଚାୟତ, ଗୁଜୁରାଜରେ ତାଲୁକ ପଞ୍ଚାୟତ, କର୍ଣ୍ଣାଟକରେ ମଣ୍ଡଳ ପଞ୍ଚାୟତ, ମଧ୍ୟ ପ୍ରଦେଶରେ ଜନପଦ ପଞ୍ଚାୟତ, ତାମିଲନାଡୁରେ ପଞ୍ଚାୟତ ଇଉନିୟନ କାଉନ୍ସିଲ୍, ଓ ଉତ୍ତର ପ୍ରଦେଶରେ କ୍ଷେତ୍ରସମିତି । ଯାହା ହେଉ ଏହାର ସବୁଠାରୁ ଜନପ୍ରିୟ ନାମ ହେଉଛି, ପଞ୍ଚାୟତ ସମିତି ।

ପ୍ରତ୍ୟେକ ରାଜ୍ୟରେ ପଞ୍ଚାୟତ ସମିତିର ସମୟ ସୀମା ହେଉଛି ୫ ବର୍ଷ । ଏହାର ପ୍ରଥମ ସଭାରେ ପ୍ରତ୍ୟେକ ପଞ୍ଚାୟତ ସମିତି ଦୁଇଜଣ ସଭ୍ୟଙ୍କୁ ସଭାପତି ଓ ଉପସଭାପତି ଭାବରେ ବାଛନ୍ତି । ଏକ ତୃତୀୟାଂଶ ପଞ୍ଚାୟତ ସମିତିର ସଭାପତି ପଦ ମହିଳାସଭ୍ୟମାନଙ୍କ ପାଇଁ ସଂରକ୍ଷିତ । ସେହିପରି କେତେକ ସଭାପତି ପଦ ତଫସିଲ ଜାତିର ସଭ୍ୟମାନଙ୍କ ପାଇଁ ସଂରକ୍ଷିତ । ସଭାପତିଙ୍କ କାର୍ଯ୍ୟକାଳ ପଞ୍ଚାୟତ ସମିତିର କାର୍ଯ୍ୟକାଳ ସହିତ ସମାନ । ପଞ୍ଚାୟତ ସମିତି ସଭ୍ୟମାନେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ପ୍ରସ୍ତାବ ପାରିତ କରି ସଭାପତିଙ୍କୁ ବହିଷ୍କାର କରିପାରନ୍ତି । ପଞ୍ଚାୟତ ସମିତି ସାଧାରଣତଃ ବର୍ଷକେ ଅନ୍ୟୁନ ଛଅଥର ସଭା ବସେ । ଏହାର ଦୁଇଟି ମିଟିଂ ମଧ୍ୟରେ ଦୁଇ ମାସରୁ ଅଧିକ ବ୍ୟବଧାନ ରହିପାରିବ ନାହିଁ । ପଞ୍ଚାୟତ ସମିତିର ସଭା ସାଧାରଣ ସଭା ହେଉ ବା ସ୍ୱତନ୍ତ୍ର ସଭା ହେଉ, ପ୍ରତ୍ୟେକ ସଭାର ତାରିଖ ପଞ୍ଚାୟତ ସମିତିର ସଭାପତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ ଏବଂ ତାଙ୍କ ଅନୁପସ୍ଥିରେ ଉପସଭାପତିଙ୍କ ଦ୍ୱାରା ସ୍ଥିରୀକୃତ ହୁଏ । ଏହାର ମୁଖ୍ୟ ପ୍ରଶାସକ ଅଧିକାରୀ ହେଉଛନ୍ତି ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ ଯେ କି ବି.ଡି.ଓ ରୂପେ ପରିଚିତ ।

### (ଖ) ପଞ୍ଚାୟତ ସମିତିର କାର୍ଯ୍ୟ

ପଞ୍ଚାୟତ ସମିତି ଅନେକ କାର୍ଯ୍ୟ ସମ୍ପାଦନ କରିଥାଏ । କେତେକ ମୁଖ୍ୟ କାର୍ଯ୍ୟ ହେଉଛି, କୃଷି, ଭୂମି ଉନ୍ନୟନ, ଜଳ ବିଭାଜିକା ଉନ୍ନୟନ, ସାମାଜିକ ଓ କୃଷି କ୍ଷେତ୍ରୀୟ ବନୀକରଣ ଏବଂ ବୈଷୟିକ ଶିକ୍ଷା ଏତଦ୍ ବ୍ୟତୀତ ପଞ୍ଚାୟତ ସମିତି ଆଉ କେତେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରେ । ଯେଉଁଥିପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଦ୍ୱାରା ନିର୍ଦ୍ଦିଷ୍ଟ ଅର୍ଥ ଯୋଗାଇ ଦିଆଯାଏ । ଏହା ନିଜ ଅଞ୍ଚଳରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରେ । ଏହାର ମଧ୍ୟ ଆଉ କେତେକ ଦାୟିତ୍ୱ ରହିଛି, ଯଥା- ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା (ଖ) ଉନ୍ନତ ବିହନ, ରାସାୟନିକସାର ଓ ଔଷଧ, କୃଷି ସରଞ୍ଜାମର ବ୍ୟବସ୍ଥା (ଙ) କୁଟୀର ଶିଳ୍ପରବିକାଶ ଯଥା ହସ୍ତତନ୍ତ, ହସ୍ତଶିଳ୍ପ, ପ୍ରଚଳିତ କଳା ଓ କାରିଗରୀ (ଚ) ତଫସିଲଭୁକ୍ତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗର ଉନ୍ନତି (ଛ) ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତି ଯୋଜନାର ପ୍ରବର୍ତ୍ତନ ।

### (ଗ) ଆୟର ପନ୍ଥା

ପଞ୍ଚାୟତ ସମିତିର ମୁଖ୍ୟ ଆୟର ଉତ୍ସ ହେଉଛି । ରାଜ୍ୟ ସରକାର ଦେଉଥିବା ଅନୁଦାନ । ଏତଦ୍‌ବ୍ୟତୀତ ଏହା ମଧ୍ୟ ଟିକସ ବସାଏ ଏବଂ ଜମି ଖଜଣା ବାବଦରୁ ନିର୍ଦ୍ଦିଷ୍ଟ ଅନୁପାତର ଆୟ ପାଏ ।

## ୧୮.୨.୪ ଜିଲ୍ଲା ପରିଷଦର ଗଠନ ଓ କାର୍ଯ୍ୟ

### (କ) ଗଠନ

ପଞ୍ଚାୟତରାଜ ବ୍ୟବସ୍ଥାର ତୃତୀୟ ସ୍ତର ହୋଇଥିବାରୁ ଜିଲ୍ଲା ପରିଷଦ ସର୍ବୋଚ୍ଚ ଅଟେ । ଏହା ଜିଲ୍ଲା ସ୍ତରରେ କାର୍ଯ୍ୟ କରେ । ଜିଲ୍ଲା ପରିଷଦର ମଧ୍ୟ କାର୍ଯ୍ୟକାଳ ପାଞ୍ଚ ବର୍ଷ । ଏହାର କେତେକ ସଦସ୍ୟ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ଏବଂ ପଞ୍ଚାୟତସିତିର ସଭାପତିମାନେ (Ex-Office) ସଦସ୍ୟ । ସେହି ଜିଲ୍ଲାର ସାଂସଦ (MP) ଓ ବିଧାୟକ (MLA) ମାନେ ମଧ୍ୟ ଜିଲ୍ଲା ପରିଷଦର ସଦସ୍ୟ । ଜିଲ୍ଲା ପରିଷଦର ସଭାପତି ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ନିର୍ବାଚିତ ହୁଅନ୍ତି । ମହିଳା ସଭ୍ୟମାନଙ୍କ ପାଇଁ ଏକ ତୃତୀୟାଂଶ ପଦ ସଂରକ୍ଷିତ । ତଫସିଲ ଭୁକ୍ତଜାତି ଓ ଜନଜାତିଙ୍କ ପାଇଁ ମଧ୍ୟ ସଂରକ୍ଷଣ ରହିଛି ।



ଚିତ୍ର ୧୮.୪ ଜିଲ୍ଲାପରିଷଦ ଲାଟୁର ।

## (ଖ) ଜିଲ୍ଲାପରିଷଦର କାର୍ଯ୍ୟ

ନିମ୍ନଲିଖିତ ବିଷୟଗୁଡ଼ିକ ଜିଲ୍ଲା ପରିଷଦର ମୁଖ୍ୟକାର୍ଯ୍ୟ ଯଦିଓ ବିଭିନ୍ନ ରାଜ୍ୟରେ କେତେକ ବିଭିନ୍ନତା ଦେଖାଯାଏ ।

୧. ବିଭିନ୍ନ ଯୋଜନା ଓ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ନିଜ ଜିଲ୍ଲାର କାର୍ଯ୍ୟକାରୀ କରି ଗ୍ରାମାଞ୍ଚଳ ଲୋକମାନଙ୍କୁ ଆବଶ୍ୟକୀୟ ସେବା ଓ ସୁବିଧା ଯୋଗାଇଦେବା ।

୨. କୃଷକମାନଙ୍କୁ ଉନ୍ନତ ବିହନ ଯୋଗାଇଦେବା, ସେମାନଙ୍କୁ ନୂତନ କୃଷି ପଦ୍ଧତି ସମ୍ପର୍କରେ ସୂଚନା ଦେବା, କ୍ଷୁଦ୍ର ଜଳସେଚନ ଯୋଜନାର ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ କରିବା, ଜଳାଶୟ ଖନନ, ଏବଂ ଗୋଚର ଓ ଚାରଣଭୂମିର ସୁରକ୍ଷା ପ୍ରଦାନ ।

୩. ଗ୍ରାମଗୁଡ଼ିକରେ ବିଦ୍ୟାଳୟ ପ୍ରତିଷ୍ଠା ଓ ପରିଚାଳନା, ବୟସ୍କ ସାକ୍ଷରତା ଯୋଜନା କାର୍ଯ୍ୟକାରୀ କରିବା ଏବଂ ପାଠାଗାର ପରିଚାଳନା କରିବା ।

୪. ଗ୍ରାମମାନଙ୍କରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଡାକ୍ତରଖାନା ପ୍ରତିଷ୍ଠା, କ୍ଷୁଦ୍ରଗ୍ରାମମାନଙ୍କ ପାଇଁ ଭ୍ରାମ୍ୟମାଣ ଡାକ୍ତରଖାନା ପରିଚାଳନା, ସଂକ୍ରାମକ ରୋଗର ପ୍ରତିକାର ପାଇଁ ଟୀକାଦାନ କାର୍ଯ୍ୟ ପରିଚାଳନା ଓ ପରିବାର ମଙ୍ଗଳକର କାର୍ଯ୍ୟକ୍ରମ କରିବା ।

୫. ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତିର ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଓ ଆଦିବାସୀ ପିଲାମାନଙ୍କ ପାଇଁ ଆଶ୍ରମ ବିଦ୍ୟାଳୟ ଓ ତଫସିଲଭୁକ୍ତ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ଦେୟଶୂନ୍ୟ ଛାତ୍ରାବାସ ନିର୍ମାଣ ।

୬. ଶିଳ୍ପଦ୍ୟୋଗୀମାନଙ୍କୁ କ୍ଷୁଦ୍ରଶିଳ୍ପ ଯଥା କୁଟୀର ଶିଳ୍ପ, ହସ୍ତଶିଳ୍ପ, କୃଷିଉତ୍ପାଦନ, ପ୍ରସେସିଙ୍ଗ ମିଲ୍, ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପ୍ରଭୃତି ପ୍ରତିଷ୍ଠା ପାଇଁ ଉତ୍ସାହିତ କରିବା ଏବଂ ଗ୍ରାମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିବା ।

୭. ରାସ୍ତା, ବିଦ୍ୟାଳୟର ନିର୍ମାଣ ଏବଂ ସାଧାରଣ ସମ୍ପତ୍ତିର ଯତ୍ନ ନେବା ।

## (ଗ) ଜିଲ୍ଲା ପରିଷଦର ଆୟପନ୍ଥା

ଜିଲ୍ଲାପରିଷଦ ବହୁସଂଖ୍ୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରେ । ଏହାକୁ ଆଗେଇ ନେବା ପାଇଁ ଅର୍ଥର ଆବଶ୍ୟକତା ରହିଛି । ଏହା ତାର ବିଭିନ୍ନ ଆୟର ଉତ୍ସରୁ ମିଳେ ତାହା ନିମ୍ନରେ ପ୍ରଦତ୍ତ ହୋଇଛି ।

୧. ଜିଲ୍ଲା ପରିଷଦ ଦ୍ୱାରା ବସାଯାଉଥିବା ଟିକସ, ଯଥା ଲାଇସେନ୍ସ ଟିକସ ଓ ବଜାର ଟିକସ ଇତ୍ୟାଦି

୨. ଆଦାୟ ହେଉଥିବା ଜମି ଖଜଣାର ଜିଲ୍ଲା ପରିଷଦକୁ ଦିଆଯାଉଥିବା ଅଂଶ

୩. ରାଜ୍ୟ ଓ କେନ୍ଦ୍ର ସରକାରରୁ ମିଳୁଥିବା ଅନୁଦାନ

୪. ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଦେଉଥିବା ଅର୍ଥ ।

## ପାଠ ଅନ୍ତର୍ଭୁକ୍ତ ପ୍ରଶ୍ନାବଳୀ

୧. ଗ୍ରାମପଞ୍ଚାୟତ କିପରି ଗଠିତ ହୁଏ ? ଗ୍ରାମସଭାର କାର୍ଯ୍ୟ କଣ ?

୨. ଗ୍ରାମପଞ୍ଚାୟତର ମୁଖ୍ୟ କାର୍ଯ୍ୟଗୁଡିକର ତାଲିକା କର । ସେଥିରୁ କେଉଁ କାର୍ଯ୍ୟଟି ବିଶେଷ ଆବଶ୍ୟକ ? ସେଥିରୁ କଣ କିଛି କାର୍ଯ୍ୟ ଅଛି ଯାହାକି ତୁମେ ଅନୁଭବ କରୁଛ, ସ୍ଥାନୀୟ ସରକାର କାର୍ଯ୍ୟକାରୀ କରିବାର ଆବଶ୍ୟକତା ନାହିଁ ? ଯଦି ଏହା ଠିକ୍, କାହିଁକି ?

୩. ଗ୍ରାମପଞ୍ଚାୟତର ବିଭିନ୍ନ ଉତ୍ସରୁ ଆସୁଥିବା ଆୟ ବର୍ଣ୍ଣନା କର ।

୪. ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର କାର୍ଯ୍ୟ ଉପରେ ନିର୍ଭର କରି ଗୋଟିଏ ବର୍ଷ ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କର ଯାହାକି ଏହି ଅନୁଷ୍ଠାନ ଗୁଡିକ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ ହେବ ।

୫. ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନ ସମ୍ପର୍କରେ ସୂଚନା ସଂବାଦ ପତ୍ରରେ ପଞ୍ଚାୟତରାଜ ସମ୍ପର୍କରେ ପ୍ରକାଶିତ ତଥ୍ୟ କିମ୍ବା ଇଣ୍ଟରନେଟ୍ କିମ୍ବା ତୁମର ଶିକ୍ଷକ, ବୟସ୍କ ବ୍ୟକ୍ତି କିମ୍ବା ତୁମର ସାଙ୍ଗ ବା ସହପାଠୀଙ୍କ ଠାରୁ ସଂଗ୍ରହ କର ଏବଂ କେଉଁ ରାଜ୍ୟରେ ଏହି ମହିଳା ସଂରକ୍ଷଣ ଏକ ତୃତୀୟାଂଶରୁ ଅଧିକ ତାହାର ଏକ ତାଲିକା ପ୍ରସ୍ତୁତ କର ।

## ୧୮.୩ ସହରାଞ୍ଚଳ ସ୍ଥାନୀୟ ସରକାର

ଯେତେବେଳେ ବିଜୟକୁ ପଞ୍ଚାୟତରାଜ ବ୍ୟବସ୍ଥାର ବିଭିନ୍ନ ଦିଗ ବିଶେଷ ପସନ୍ଦ ହେଲା, ଶିକ୍ଷକ ତାକୁ ପଚାରିଲେ, ତୁମ ପରିବାର ଗ୍ରାମକୁ ଯାଇ ରହୁଥିବା ସହରର ସ୍ଥାନୀୟ ସରକାରୀ ଅନୁଷ୍ଠାନର କାର୍ଯ୍ୟକାରିତା ବିଷୟରେ ସେ ଜାଣିଛି କି ? ବିଜୟ ଜାଣିବାକୁ ଚାହିଁଲା ଯେ, ଏପରି ଅନୁଷ୍ଠାନର କଣ ସହରରେ ମଧ୍ୟ ଅଛି ? ଶିକ୍ଷକ କହିଲେ, ହଁ, ସେଗୁଡିକ ଅଛି । ଯେପରି ପଞ୍ଚାୟତରାଜ ବ୍ୟବସ୍ଥା ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ସେହିପରି ସହରାଞ୍ଚଳ ସ୍ଥାନୀୟ ସରକାରୀ ଅନୁଷ୍ଠାନ ରହିଛି । ତିନିପ୍ରକାରର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ରହିଛି । ଯଥା (କ) ବଡ ବଡ ସହର ପାଇଁ ମହାନଗର ନିଗମ ବା ପୌରନିଗମ, ଅଳ୍ପଲୋକସଂଖ୍ୟା ବିଶିଷ୍ଟ ଅନ୍ୟ ସମସ୍ତ ସହର ପାଇଁ ପୌରାଞ୍ଚଳ ପରିଷଦ ଏବଂ (ଗ) ଅର୍ଦ୍ଧ ସହରାଞ୍ଚଳ ପାଇଁ ନଗର ପଞ୍ଚାୟତ । କିନ୍ତୁ ପଞ୍ଚାୟତରାଜ ଅନୁଷ୍ଠାନ (PRIS) ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ଏକ ବଡ ଧରଣର ପାର୍ଥକ୍ୟ ହେଉଛି, ଯେତେବେଳେ (PRIS) ପରସ୍ପର ସହିତ ନିବିଡ ଭାବରେ ସଂଯୁକ୍ତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡିକ ପରସ୍ପର ସ୍ୱାଧୀନ । ଗୋଟିଏ ରାଜ୍ୟରେ ତିନି ପ୍ରକାର ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ ଥାଇପାରେ, ଯଥା- ବୃହତ୍‌ନଗରରେ ମହାନଗର ନିଗମ ବା ପୌର ନିଗମ, ଅନ୍ୟ ସାନ ସାନ ସହରରେ ପୌରାଞ୍ଚଳ ପରିଷଦ ଏବଂ ସବୁଠାରୁ ଛୋଟ ସହରରେ ନଗର ପଞ୍ଚାୟତ । କିନ୍ତୁ ସେଗୁଡିକ ପରସ୍ପର ସହିତ ସଂଯୁକ୍ତ ନୁହଁନ୍ତି ।

ଇଂରେଜ ଔପନିବେଶ ନିୟମ ସମୟରେ ୧୯୮୮ ମସିହାରେ ସର୍ବପ୍ରଥମେ ସହରାଞ୍ଚଳ ସ୍ଥାନୀୟ ସରକାର ଗଠିତ ହେଲା । ଯେତେବେଳେ କି, ପୌରାଞ୍ଚଳ ନିଗମ ମାନ୍ଦ୍ରାଜ (ବର୍ତ୍ତମାନର ନାମ ଚେନ୍ନାଇ) ଠାରେ ଗଠିତ ହେଲା । ପରେ ସେହିପରି ସଂସ୍ଥା କଲିକତା (କୋଲକତା) ଏବଂ ବମ୍ବେ (ମୁମ୍ବାଇ)ର ଶାସନ ପାଇଁ ଗଠିତ ହେଲା । ସେତେବେଳେ ପରିମଳ ବ୍ୟବସ୍ଥା ଓ ସଂକ୍ରାମକ ରୋଗର ନିରାକରଣ ପାଇଁ ଏହି ପୌରସଂସ୍ଥା ଗୁଡିକ ଗଠିତ ହୋଇଥିଲା । ଏହି ସ୍ଥାନୀୟ ସଂସ୍ଥାଗୁଡିକର ଅବଶ୍ୟ ଅଳ୍ପକିଛି ସାମାଜିକ କାର୍ଯ୍ୟ ଥିଲା ଯଥା ଜଳ ଯୋଗାଣ ଓ ନିଷ୍କାସନ ବ୍ୟବସ୍ଥା । କିନ୍ତୁ ସେହି ସଂସ୍ଥାଗୁଡିକୁ ଆବଶ୍ୟକୀୟ କ୍ଷମତା, ଅର୍ଥ ଓ ଅଧିକାର ଦିଆଯାଇ ନଥିଲା । ପ୍ରାଥମିକ ଅବସ୍ଥାରେ ଅଧିକାଂଶ ସଦସ୍ୟ ମନୋନୀତ ହେଉଥିଲେ । ଆମର ଜାତୀୟ ନେତାମାନେ ସ୍ଥାନୀୟ ଶାସନ ପାଇଁ ଏପରି ଏକ ସଂଗଠନର ଗୁରୁତ୍ୱ ଓ ଆବଶ୍ୟକତା ଅନୁଭବ କରିଥିଲେ ଏବଂ ଏହି ସଂସ୍ଥାଗୁଡିକୁ

ଦେଶର ଯୋଜନା ବଦ୍ଧ ବିକାଶ ପାଇଁ ସଂଯୋଜିତ କରିଥିଲେ । କିନ୍ତୁ ଅର୍ଥବିନା କୌଣସି ସଫଳତା ଲାଭ କରିବା ଅସମ୍ଭବ ଓ ସେତେବେଳେ ଅର୍ଥ ନଥିଲା । ତଥାପି ସେତେବେଳ ମଧ୍ୟ ଏହି ବ୍ୟବସ୍ଥାର ଶାସନ କ୍ଷେତ୍ରରେ ସଫଳତା ପ୍ରମାଣିତ ହୋଇଥିଲା । ଇଂରେଜ ଶାସନ ସମୟରେ ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକରେ ବହୁ ପରିବର୍ତ୍ତନ ଆସିଲା, ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର କ୍ଷମତା ବୃଦ୍ଧି ପାଇଲା ଓ କିଛି ଅର୍ଥ ମଧ୍ୟ ଯୋଗାଇଦିଆଗଲା । ସ୍ୱାଧୀନତା ପରେ ଚାରିପ୍ରକାରର ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ କାର୍ଯ୍ୟ କରୁଥିଲା । (୧) ପୌର ନିଗମ (୨) ପୌର ସଂସ୍ଥା (୩) ସହରାଞ୍ଚଳ ପରିଷଦ ଏବଂ (4) ବିଜ୍ଞାପିତ ଅଞ୍ଚଳ ପରିଷଦ । କିନ୍ତୁ ୧୯୯୨ ମସିହାରେ ଅଣାଯାଇଥିବା ୭୪ତମ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ଥାନୀୟ ସରକାରର ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନମାନ ଆଣିଲା । ବର୍ତ୍ତମାନ ତିନି ପ୍ରକାରର ସହରାଞ୍ଚଳ ସ୍ଥାନୀୟ ସରକାର କାର୍ଯ୍ୟ କରୁଛି । (କ) ବୃହତ୍ ନଗର ପାଇଁ ପୌର ନିଗମ ବା ମହାନଗର ନିଗମ (ଖ) ସାନ ସହର ପାଇଁ ପୌର ପରିଷଦ (ଗ) ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମଧ୍ୟବର୍ତ୍ତୀ ଅଞ୍ଚଳ ବା ଅର୍ଦ୍ଧ ସହରାଞ୍ଚଳ ପାଇଁ ନଗର ପଞ୍ଚାୟତ ।

## ୧୮.୩.୧ ୭୪ ତମ ସମ୍ବିଧାନ ସଂଶୋଧନ ୧୯୯୨

ପୂର୍ବରୁ ଯାହା ପ୍ରକାଶ କରାଯାଇଛି, ୧୯୯୨ ମସିହାର ୭୪ତମ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ଥାନୀୟ ସରକାରର ଗଠନ ଓ କାର୍ଯ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଲା । ନିମ୍ନଲିଖିତ ବିଷୟଗୁଡ଼ିକ ଲେଖିବାର ଯୋଗ୍ୟ ।

- ପ୍ରତ୍ୟେକ ଭାରତୀୟ ରାଜ୍ୟରେ ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ ଗଠନ । ଯଥା - ପୌରନିଗମ ବା ମହାନଗର ନିଗମ, ପୌର ପରିଷଦ, ନଗର ପଞ୍ଚାୟତ ।
- ପ୍ରାଥମିକ ସ୍ତରରେ ସାଧାରଣ କାର୍ଯ୍ୟରେ ଲୋକମାନଙ୍କ ଯୋଗଦାନ ପାଇଁ ପୌରାଞ୍ଚଳର ଆଞ୍ଚଳିକ ସୀମା ମଧ୍ୟରେ ୱାର୍ଡ ପରିଷଦ ଗଠନ ।
- ରାଜ୍ୟ ନିର୍ବାଚନ କମିଶନ ଦ୍ୱାରା ନିୟମିତ ଏବଂ ଦୁର୍ନିତମୁକ୍ତ ପୌର ନିର୍ବାଚନ ପରିଚାଳନା ।
- ପୌର ସରକାରକୁ ଅତିକ୍ରମ (ଅଚଳ) କରଯାଇପାରିବାର ବ୍ୟବସ୍ଥା କିନ୍ତୁ ୬ ମାସରୁ ଅଧିକ କାଳ ନୁହେଁ ।
- ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ତଫସିଲଭୁକ୍ତ ଜାତି, ତଫସିଲ ଭୁକ୍ତ ଜନଜାତି ଓ ପଛୁଆ ଶ୍ରେଣୀ ପ୍ରଭୃତି ସମାଜର ଦୁର୍ବଳ ଶ୍ରେଣୀ ଓ ମହିଳାମାନଙ୍କର ପୌର ସରକାରରେ ଯଥେଷ୍ଟ ପ୍ରତିନିଧିତ୍ୱ ।
- ଆଇନ ଦ୍ୱାରା ରାଜ୍ୟ ବ୍ୟବସ୍ଥାପକ ମାଧ୍ୟମରେ ପୌର ସଂସ୍ଥା ଓ ୱାର୍ଡ କମିଟିକୁ କ୍ଷମତା (ଆର୍ଥିକ କ୍ଷମତା ସହିତ) ଏବଂ କାର୍ଯ୍ୟକାରିଣୀ ଦାୟିତ୍ୱ ଅର୍ପଣ କରାଗଲା ।
- ପ୍ରତି ୫ବର୍ଷରେ ଥରେ ରାଜ୍ୟ ଅର୍ଥ କମିଶନ ଗଠନ କରି ପୌର ସଂସ୍ଥାର ଆର୍ଥିକ ଅବସ୍ଥାକୁ ଅନୁଧ୍ୟାନ କରିବା ଏବଂ ତାର ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସୁପାରିଶ କରିବା ।
- ଉନ୍ନୟନ ଯୋଜନା ପ୍ରସ୍ତୁତ ଓ ଏକତ୍ରୀକରଣ ପାଇଁ ପ୍ରତ୍ୟେକ ରାଜ୍ୟର ଜିଲ୍ଲା ସ୍ତରରେ ଜିଲ୍ଲା ଯୋଜନା କମିଟି ଓ ମହାନଗର ଅଞ୍ଚଳର ମହାନଗର ଯୋଜନା କମିଟି ଗଠନ ।

## ୧୮.୩.୨ ମହାନଗର ନିଗମ ବା ପୌର ନିଗମ

### (କ) ଗଠନ

ରାଜ୍ୟ ବ୍ୟବସ୍ଥାପକ ସଭା ଦ୍ୱାରା ଆଇନରେ ପରିଣତ ହୋଇଥିବା ଆଇନ (Act) ର ବ୍ୟବସ୍ଥା ଅନୁସାରେ ବୃହତ୍ ନଗର ଗୁଡିକରେ ମହାନଗର ନିଗମ ପ୍ରତିଷ୍ଠା ହୋଇଛି । ମହାନଗର ନିଗମର କାଉନ୍‌ସିଲରମାନେ ୫ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ନିର୍ବାଚିତ କାଉନ୍‌ସିଲରମାନେ ନିଜ ଭିତରୁ ଜଣକୁ ପ୍ରତିବର୍ଷ ମେୟର ଭାବରେ ନିର୍ବାଚିତ କରନ୍ତି । ମେୟର ହେଉଛନ୍ତି ସେହି ନଗରର ପ୍ରଥମ ନାଗରିକ । ୭୪ତମ ସମ୍ବିଧାନ ସଂଶୋଧନ ମହିଳାମାନଙ୍କ ପାଇଁ ସମୁଦାୟ ସ୍ଥାନର ଅତିକମ୍‌ରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓ ଅନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ ପାଇଁ ଏଥିରେ ବ୍ୟବସ୍ଥା ହୋଇଛି । ଅନୁସୂଚିତ ଜାତି ଓ ଜନଜାତି ପାଇଁ ସଂରକ୍ଷିତ ସ୍ଥାନରେ ଏକ ତୃତୀୟାଂଶ ସେହି ସମ୍ପ୍ରଦାୟର ମହିଳାମାନଙ୍କ ପାଇଁ ସଂରକ୍ଷିତ । ଯଦି ମହାନଗର ନିଗମ ଭାଙ୍ଗିଯାଏ, ତେବେ ଛଅ ମାସ ମଧ୍ୟରେ ପୁନଃ ନିର୍ବାଚନ ଅନୁଷ୍ଠିତ ହୁଏ । ସେଠାରେ ଗୋଟିଏ ପୌର କମିଶନର ପଦ ରହିଛି, ଯେକି ମୁଖ୍ୟ କାର୍ଯ୍ୟକାରୀ ନିର୍ବାହୀ ଅଧିକାରୀ ଅଟନ୍ତି ଓ ସେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି ।




ଚିତ୍ର ୧୮.୫ ମହାନଗର ନିଗମ


### (ଖ) ମହାନଗର ନିଗରର କାର୍ଯ୍ୟ

**ମହାନଗର ନିଗମର ମୁଖ୍ୟ କାର୍ଯ୍ୟ ହେଉଛି -**

୧. **ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା-** ନଗରର ପରିଚ୍ଛନତା ପାଇଁ ଦାୟୀ, ଆବର୍ଜନା ପରିଷ୍କାର, ଡାକ୍ତରଖାନାର ପରିଚାଳନା, ଟୀକାଦେବା କାର୍ଯ୍ୟକ୍ରମ ଆରମ୍ଭ ଓ ପରିଚାଳନା, ଖାଦ୍ୟ ଅପମିଶ୍ରଣକୁ ତନଖି କରିବା ।

୨. **ବିଦ୍ୟୁତ ଓ ଜଳ ଯେଗାଣ-** ରାସ୍ତାରେ ଆଲୋକ ପ୍ରଦାନ ଓ ପରିଚାଳନା, ବିଦ୍ୟୁତ ଯୋଗାଣ, ପିଇବା ପାଣି ଯୋଗାଣ, ନିର୍ମାଣ କାର୍ଯ୍ୟ, ଜଳ ଯୋଗାଣର ସୁବିଧା ପ୍ରଦାନ, ପୁଷ୍କରିଣୀର ରକ୍ଷଣାବେକ୍ଷଣ ପ୍ରଭୃତି ।

୩. **ଶିକ୍ଷା-** ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଏବଂ ପିଲାମାନଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ।



ଟିପ୍ପଣୀ



୪. **ସର୍ବସାଧାରଣ କାର୍ଯ୍ୟ-** ରାସ୍ତାର ନିର୍ମାଣ, ରକ୍ଷଣାବେକ୍ଷଣ ଓ ନାମ କରଣ, ଗୃହ, ବଜାର, ଜଳଖିଆ ଦୋକାନ ଓ ଭୋଜନାଳୟ ନିର୍ମାଣ ପାଇଁ ନିୟମ ପ୍ରଣୟନ, ଜବର ଦଖଲ ଉଚ୍ଛେଦ କରିବା ଓ ବିପଦପୂର୍ଣ୍ଣ କୋଠାଘରକୁ ଭାଙ୍ଗିବା ।

୫. **ଅନ୍ୟାନ୍ୟ କାର୍ଯ୍ୟ-** ଜନ୍ମ ଓ ମୃତ୍ୟୁ ହିସାବ ରଖିବା, ଶ୍ମଶାନ ଭୂମିର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ, ରାତ୍ରୀ ଆଶ୍ରୟସ୍ଥଳ ନିର୍ମାଣ, ସ୍କୁଟର ଓ ଟାକ୍ସି ଷ୍ଟାଣ୍ଡ ଓ ସାଧାରଣ ସୁବିଧା ବ୍ୟବସ୍ଥା ।

୬. **ଇଚ୍ଛାଧିନ କାର୍ଯ୍ୟ -**

(କ) **ଆମୋଦପ୍ରମୋଦ-** ପାର୍କ ଓ ପ୍ରେକ୍ଷାଳୟର ବ୍ୟବସ୍ଥା ପ୍ରଭୃତି

(ଖ) **ସାଂସ୍କୃତିକ-** ସଂଗୀତ, ନାଟକ, ଚିତ୍ରାଙ୍କନ, ପ୍ରଦର୍ଶନୀର ବ୍ୟବସ୍ଥା କରିବା ଓ ପାଠାଗାର ଓ ସଂଗ୍ରହାଳୟର ରକ୍ଷଣାବେକ୍ଷଣ କାର୍ଯ୍ୟ ।

(ଗ) **କ୍ରୀଡା କାର୍ଯ୍ୟ-** ବିଭିନ୍ନ ଖେଳ ପାଇଁ ଖେଳ ପଡିଆ ନିର୍ମାଣ ଏବଂ କ୍ରୀଡା ପ୍ରତିଯୋଗିତା ଓ ଟୁର୍ଣ୍ଣାମେଣ୍ଟର ବ୍ୟବସ୍ଥା ।

(ଘ) **ସମାଜ ମଙ୍ଗଳ କାର୍ଯ୍ୟ-** କମ୍ୟୁନିଟ୍ ହଲ ନିର୍ମାଣ ଓ ପରିଚାଳନା, ସାଧାରଣ ବଣ୍ଟନ ବ୍ୟବସ୍ଥା ପରିଚାଳନା, ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଯୋଜନା ଏବଂ ତଫସିଲ ଭୁକ୍ତ ଜାତି, ତଫସିଲଭୁକ୍ତ ଜନଜାତି ଓ ପଛୁଆ ବର୍ଗ ଲୋକଙ୍କ ମଙ୍ଗଳ ପାଇଁ ଯୋଜନାକୁ କାର୍ଯ୍ୟକାରୀ କରିବା ।

## (ଗ) ମେୟରଙ୍କ ମୁଖ୍ୟ କାର୍ଯ୍ୟ -

- ମେୟୟର ପୌର ନିଗମର ମୁଖ୍ୟ ଭାବରେ ନିର୍ବାଚିତ ହୋଇଥାନ୍ତି ଓ ନିମ୍ନଲିଖିତ ମୁଖ୍ୟ କାର୍ଯ୍ୟ ସମ୍ପାଦନ କରନ୍ତି ।
- ନିଗମର ଅଧିବେଶନର ସେଭାପତିତ୍ୱ କରନ୍ତି ଓ ଅଧିବେଶନର ମହତ୍ୱ ଓ ଶୃଙ୍ଖଳା ରକ୍ଷା କରନ୍ତି ।
- ପାରିଷଦ ବର୍ଗ (Councillors) ଓ ରାଜ୍ୟ ସରକାର ମଧ୍ୟରେ ଯୋଗ ସୂତ୍ର ରକ୍ଷା କରନ୍ତି ।
- ସେହି ନଗରକୁ ଆସୁଥିବା ବିଦେଶୀ ପଦାଧିକାରୀମାନଙ୍କୁ ଅଭ୍ୟର୍ଥନା ଜଣାନ୍ତି ।

## (ଘ) ପୌରନିଗମର ଆୟର ଉତ୍ସ

ପଞ୍ଚାୟତ ରାଜ ବ୍ୟବସ୍ଥା ପରି ପୌରାଞ୍ଚଳ ବ୍ୟବସ୍ଥା ମଧ୍ୟ ନିଜ ଅଞ୍ଚଳର ଉନ୍ନତି ମୂଳକ ଓ କଲ୍ୟାଣମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ଅର୍ଥ ଆବଶ୍ୟକ କରେ । ପୌର ଆଇନରେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା ପାଇଁ ବ୍ୟବସ୍ଥା ହୋଇଛି । ନିମ୍ନରେ ଆୟର କେତେକ ଉତ୍ସ ବର୍ଣ୍ଣିତ ହୋଇଛି ।

- ***ବିଭିନ୍ନ ଟିକସରୁ ଆୟ:*** ପୌର ନିଗମ ବିଭିନ୍ନ ପଦାର୍ଥ ଉପରେ ଟିକସ ବସାଏ । ଯଥା- ଘର ଟିକସ, ଆମୋଦକର, ହୋର୍ଡିଂ ଓ ପ୍ରଚାର ଉପରେ କର, ପଞ୍ଜିକରଣ କର, ଘର ପ୍ଲାନ ତିଆରି ଉପରେ କର ପ୍ରଭୃତି ।
- ***ଅନ୍ୟାନ୍ୟ କର ଓ ଦେୟ:*** ସେଗୁଡିକ ହେଉଛି ଜଳ ଯୋଗାଣ ଦେୟ, ବିଦ୍ୟୁତ ଦେୟ, ସୁରେଜ ଦେୟ ଦୋକାନୀମାନଙ୍କ ଠାରୁ ପଞ୍ଜିକରଣ ଦେୟ, ତନଖି (Toll) ଟିକସ ଓ ମାଲ ପରିବହନ ଟିକସ ।
- ***ଅନୁଦାନ ପ୍ରଦାନ:*** ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଉନ୍ନତି ମୂଳକ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଅନୁଦାନ ପ୍ରଦାନ କରିଥାନ୍ତି ।
- ***ଭଡା ସୂତ୍ରରୁ ଆୟ:*** ନିଗମ ନିଜର ସମ୍ପତ୍ତିକୁ ଭଡା ସୂତ୍ରରେ ପ୍ରଦାନ କରିଥାଏ ଓ ସେଥିରୁ ଭଡା ପାଏ । ସେ ବିଭିନ୍ନ ଦୋକାନ, କିଓସ୍କ, କମ୍ୟୁନିଟ୍ ସେଣ୍ଟର, ବରାତଘର ଓ ମେଳା, ବିବାହ, ଓ ପ୍ରଦର୍ଶନୀ ପ୍ରଭୃତିରୁ ଭଡା ଆଦାୟ କରେ ।

## ୧୮.୩.୩ - ପୌରପରିଷଦ

### (କ) ଗଠନ

ଅଧିକ ଜନସଂଖ୍ୟା ନଥିବା ସହରଗୁଡ଼ିକରେ ଥିବା ମ୍ୟୁନିସପାଲଟିଗୁଡ଼ିକୁ ପୌର ପରିଷଦ କୁହାଯାଏ । ଏଗୁଡ଼ିକ ନିଜର ସହର, ସେମାନଙ୍କର ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରେ । ୭୪ତମ ସମ୍ବିଧାନ ସଂଶୋଧନ ପରେ ପୌର ପରିଷଦ ଗଠନ ପ୍ରତ୍ୟେକ ସହର ପାଇଁ ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପୌର ପରିଷଦରେ ପାରିଷଦ (Councillors) ମାନେ ଥାଆନ୍ତି, ଯେଉଁମାନେ ସହରର ସାବାଳକ ଭୋଟରମାନଙ୍କ ଦ୍ୱାରା ୫ ବର୍ଷ ପାଇଁ ନିର୍ବାଚିତ ହୁଅନ୍ତି । ରାଜ୍ୟ ନିର୍ବାଚ ଆୟୋଗ ଦ୍ୱାରା ସ୍ଥିରୀକୃତ ସର୍ତ୍ତଗୁଡ଼ିକ ଯେ ପୂରଣ କରୁଥିବ, ସେହିବ୍ୟକ୍ତି ପାରିଷଦ ରୂପେ ନିର୍ବାଚିତ ହୋଇ ପାରିବ । ଯଦି କୌଣସି କାରଣରୁ ପୌର ପରିଷଦ ପୁରା ସମୟ ୫ବର୍ଷ ପୂରଣ ପୂର୍ବରୁ ଭାଙ୍ଗିଯାଏ, ତେବେ ନୂଆ ପୌର ପରିଷଦ ପାଇଁ ନିର୍ବାଚିତ ସଭ୍ୟମାନଙ୍କ ଭିତରୁ ପାରିଷଦ (Councillors) ମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ନିର୍ବାଚିତ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନ ଲାଭ କରୁଥିବା ପର୍ଯ୍ୟନ୍ତ ସଭାପତି ନିଜ ପଦରେ ରହନ୍ତି । ପ୍ରତ୍ୟେକ ପୌରପରିଷଦରେ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଥାଆନ୍ତି ଓ ସେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଆନ୍ତି । ସେ ପରିଷଦର ନିତିଦିନିଆ କାର୍ଯ୍ୟ ଓ ଶାସନ ପରିଚାଳନା କରନ୍ତି । ସ୍ୱାସ୍ଥ୍ୟ ଅଧିକାରୀ, ଟ୍ୟାକ୍ସ ସୁପରିଟେଣ୍ଡେଣ୍ଟ, ନିର୍ମାଣ ବିଭାଗ ଯନ୍ତ୍ରୀ ପ୍ରଭୃତି ଏହାର ମୂଖ୍ୟ ଅଧିକାରୀ ଅଟନ୍ତି ।

### (ଖ) ପୌର ପରିଷଦର କାର୍ଯ୍ୟ

**ନିମ୍ନଲିଖିତ ବିଷୟଗୁଡ଼ିକ ପୌରପରିଷଦର କାର୍ଯ୍ୟ:**

୧. ***ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା:*** ସହରକୁ ପରିଷ୍କାର ରଖିବା, ଆବର୍ଜନା ପରିଷ୍କାର କରିବା, ଅସ୍ୱାସ୍ଥ୍ୟକର ଓ ଅପମିଶ୍ରିତ ଖାଦ୍ୟ ଦ୍ରବ୍ୟ ବିକ୍ରୟ ବନ୍ଦ କରିବା, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାକ୍ତରଖାନାକୁ ପରିଚାଳନା କରିବା ।

୨. ***ବିଦ୍ୟୁତ ଓ ଜଳ ଯୋଗାଣ:*** ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ପାଣିଟାଙ୍କି ଓ ଜଳ ଟ୍ୟାଙ୍କରର ରକ୍ଷଣାବେକ୍ଷଣା ।

୩. ***ଶିକ୍ଷା:*** ପ୍ରାଥମିକ ବିଦ୍ୟାଳୟ ଓ ସାକ୍ଷରତା କେନ୍ଦ୍ରର ରକ୍ଷଣାବେକ୍ଷଣ ଓ ପରିଚାଳନା ।

୪. ***ଜନ୍ମ ଓ ମୃତ୍ୟୁ ତାଲିକା:*** ନିଜ ସହରର ଜନ୍ମ ଓ ମୃତ୍ୟୁ ପଞ୍ଜିକରଣର ତାଲିକା ରଖିବା ଓ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରିବା ।

୫. ***ସର୍ବସାଧାରଣ କାର୍ଯ୍ୟ:*** ରାସ୍ତା ନିର୍ମାଣ, ପୌର ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ, ବିବାହ ମଣ୍ଡପ, ସର୍ବସାଧାରଣ ଗୃହ (Community Hall) ବଜାର ଓ ସର୍ବସାଧାରଣ ସୁବିଧା ଇତ୍ୟାଦି ।

### (ଗ) ଆୟର ଉତ୍ସ:

ଅର୍ଥ ବିନା କୌଣସି କାର୍ଯ୍ୟ କରିବା ସମ୍ଭବ ନୁହେଁ । ପୌରପରିଷଦର ବିଭିନ୍ନ ଉତ୍ସରୁ ଆୟ ମିଳେ । ଏହି ଉତ୍ସଗୁଡ଼ିକ ନିମ୍ନଲିଖିତ ଭାବରେ ବିଭାଗୀକରଣ କରାଯାଏ ।

- ***ଟିକସ:*** ସମ୍ପତ୍ତି, ଯାନବାହାନ, ଆମୋଦପ୍ରମୋଦ, ପ୍ରଚାର ଉପରେ ଟିକସ
- ***ଭଡ଼ା ଏବଂ ଦେୟ:*** ଜଳ ଯୋଗାଣ, ସୁରେଜ ବ୍ୟବସ୍ଥା ଦେୟ, ପଞ୍ଜିକରଣ ଦେୟ, ସର୍ବସାଧାରଣ ଗୃହ ବିବାହ ମଣ୍ଡପ ଓ ଦୋକାନ ପ୍ରଭୃତିର ଭଡ଼ା ।
- ରାଜ୍ୟ ସରକାରଙ୍କ ଠାରୁ ମିଳୁଥିବା ଅନୁଦାନ ।

– ***ଜୋରିମାନା:*** ଟିକସ ଖିଲାପକାରୀ, ଆଇନଭଙ୍ଗକାରୀ ଓ ଜବରଦଖଲରୁ ଜୋରିମାନା

### ୧୮.୩.୪ ନଗର ପଞ୍ଚାୟତ

ଗୋଟିଏ ସହରାଞ୍ଚଳ ଯେଉଁଠାରେ ଲୋକସଂଖ୍ୟା ୩୦,୦୦୦ରୁ ଅଧିକ ଓ ୧,୦,୦୦୦ରୁ କମ୍ ସେଠାରେ ନଗର ପଞ୍ଚାୟତ କାର୍ଯ୍ୟକରେ । ଯାହା ହେଉ ସେଠାରେ କେତେକ ସ୍ୱାତନ୍ତ୍ର୍ୟ ରହିଛି । ସମସ୍ତ ପୂର୍ବବର୍ତ୍ତୀ ସହରାଞ୍ଚଳ ପରିଷଦ (ସହରାଞ୍ଚଳ ଯେଉଁଠାରେ ମୋଟ ଜନସଂଖ୍ୟା ୫୦୦୦ରୁ ଅଧିକ ଓ ୨୦,୦୦୦ରୁ କମ୍)କୁ ନଗର ପଞ୍ଚାୟତ କୁହାଯାଏ । ଏହା ଜଣେ ସଭାପତି ଓ ୱାର୍ଡମେମ୍ବରମାନଙ୍କୁ ନେଇ ଗଠିତ । ଏହା ସର୍ବନିମ୍ନ ଦଶଜଣ ନିର୍ବାଚିତ ୱାର୍ଡମେମ୍ବର ଓ ତିନିଜଣ ମନୋନୀତ ସଭ୍ୟଙ୍କୁ ନେଇ ଗଠିତ । ଅନ୍ୟ ପୌର ସଂସ୍ଥା ଭଳି ନଗର ପଞ୍ଚାୟତର କେତେକ ଦାୟିତ୍ୱ ରହିଛି ଯଥା - (କ) ଆବର୍ଜନା ପରିଷ୍କାର ଓ ଦୂର କରିବା । (ଖ) ପିଇବା ପାଣି ଯୋଗାଣ (ଗ) ସର୍ବସାଧାରଣ ସମ୍ପତ୍ତି ଯଥା - ରାସ୍ତା ଆଲୋକ, ଯାନବାହାନଥିବା ସ୍ଥାନ, ସର୍ବସାଧାରଣ ସୁବିଧାର ସୁରକ୍ଷା (ଘ) ଦମ୍‌କଳବାହିନୀ ପ୍ରତିଷ୍ଠା ଓ ପରିଚାଳନା ଏବଂ (ଙ) ଜନ୍ମ ଓ ମୃତ୍ୟୁର ପଞ୍ଜିକରଣ । ଏହାର ଆୟର ଉତ୍ସ ହେଉଛି, ଟିକସ ଯଥା ଗୃହ ଟିକସ, ଜଳ ଟିକସ, ପ୍ରବେଶକର, ପଞ୍ଜିକରଣ ଦେୟ, ଗୃହ ପ୍ଲାନିଂ ମଞ୍ଜୁର କରିବା ଦେୟ, ବିବାହ ମଣ୍ଡପ ଓ ଅନ୍ୟାନ୍ୟ ସମ୍ପତ୍ତି ଭଡା ଦେଇ ଆଦାୟ ହେଉଥିବା ଭଡା ଏବଂ ରାଜ୍ୟ ସରକାରଙ୍କ ଠାରୁ ମିଳୁଥିବା ଅନୁଦାନ ।

## ପାଠଗତ ପ୍ରଶ୍ନାବଳୀ

୧. ୧୯୯୨ ମସିହାର ୭୪ତମ ସମ୍ବିଧାନ ସଂଶୋଧନ ପୂର୍ବରୁ କେତେ ପ୍ରକାରର ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ କାର୍ଯ୍ୟ କରୁଥିଲା ? ସଂଶୋଧନ ଦ୍ୱାରା କି ପ୍ରକାର ପରିବର୍ତ୍ତନ ହେଲା ?

୨. ପୌର ପରିଷଦର କାର୍ଯ୍ୟ କଣ ? ଏହି କାର୍ଯ୍ୟଗୁଡିକ ଗୁରୁତ୍ୱପୂର୍ଣ୍ଣ କାହିଁକି ?

୩. ପୌରପରିଷଦର ଆୟର ପନ୍ଥା କଣ ?

୪. ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ ଗୁଡିକ ସେମାନଙ୍କ ନିଜ ଅଞ୍ଚଳରେ ସେବା ଯୋଗାଇ ଦେବା ପାଇଁ ଦାୟିତ୍ୱ ନେଇଛନ୍ତି । ତୁମେ କଣ ଭାବୁଛ ପ୍ରତ୍ୟେକ ନାଗରିକଙ୍କର ମଧ୍ୟ କେତେକ ଦାୟିତ୍ୱ ଅଛି ? ସେଗୁଡିକ କଣ ?

## କାର୍ଯ୍ୟ ୧୮.୩

ମହାନଗର ନିଗମ, ପୌର ପରିଷଦ ଓ ନଗର ପଞ୍ଚାୟତର ମୁଖ୍ୟ କାଯର୍ଯ୍ୟନିର୍ବାହୀମାନଙ୍କର ଏକ ତାଲିକା ପ୍ରସ୍ତୁତ କର । ଯଦି ତୁମେ ସେମାନଙ୍କ ଭିତରୁ କାହାକୁ କେବେ ସାକ୍ଷାତ କରିଛ, ତେବେ ସେହି କାର୍ଯ୍ୟ ନୀର୍ବାହୀମାନଙ୍କର ନାମ ଓ ସାକ୍ଷାତ କରିବାର ଉଦ୍ଦେଶ୍ୟ ପ୍ରକାଶ କର ।

### ୧୮.୪ ଜିଲ୍ଲା ପ୍ରଶାସନ

ଯେହେତୁ ବିଜୟ ସେହି ସହରର ଗୋଟିଏ ବିଦ୍ୟାଳୟର ନବମଶ୍ରେଣୀର ଛାତ୍ର, ଶିକ୍ଷକ ତାକୁ ଜିଲ୍ଲା ପ୍ରଶାସନର କାର୍ଯ୍ୟ ସମ୍ପର୍କରେ ବୁଝାଇବାକୁ ଚେଷ୍ଟା କଲେ । ସେ ଏହା କଲେ, କାରଣ ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ, ପୂର୍ବରୁ କୁହାଯାଇଥିବା ସ୍ଥାନୀୟ ସ୍ୱାୟତ ଶାସନ ବ୍ୟତୀତ ପ୍ରତି ଜିଲ୍ଲାରେ ଗୋଟିଏ ଶାସନ କଳ ରହିଛି । ଏହା କେବଳ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଅନୁଷ୍ଠାନର କାର୍ଯ୍ୟକାରିତା ପାଇଁ ସାହାଯ୍ୟ କରେ ନାହିଁ, ବରଂ ପ୍ରଶାସନିକ ଓ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ

କରିଥାଏ । ପ୍ରତ୍ୟେକ ଜିଲ୍ଲାରେ ସବ୍‌ଡିଭିଜନ, ବ୍ଲକ, କିମ୍ବା ତାଲୁକ ରହିଛି ଓ ସେଠାରେ ନିଯୁକ୍ତି ପାଇଥିବା ପଦାଧିକାରୀମାନେ ଜିଲ୍ଲା ପ୍ରଶାସନକୁ ସାହାଯ୍ୟ କରନ୍ତି । ସେ ବିଜୟକୁ ପଚାରିଲେ, ସେ ତାଙ୍କ ଜିଲ୍ଲାର ମୁଖ୍ୟ ପଦାଧିକାରୀମାନଙ୍କୁ ଜାଣେ କି ? ତାର ଇତସ୍ତତ ଅବସ୍ଥାକୁ ଦେଖି ଶିକ୍ଷକ ଜିଲ୍ଲା ପ୍ରଶାସନର ବିଭିନ୍ନ ଦିଗ ସମ୍ପର୍କରେ ବର୍ଣ୍ଣନା କଲେ । ଜିଲ୍ଲାସ୍ତରର ମୁଖ୍ୟ ପଦାଧିକାରୀମାନେ ହେଲେ, ଜିଲ୍ଲାପାଳ, ପୋଲିସ୍ ସୁପରିଟେଣ୍ଡେଣ୍ଟ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଜଙ୍ଗଲ ଅଧିକାରୀ ପ୍ରଭୃତି । ଏ ସମସ୍ତ ଅଧିକାରୀ ତାଙ୍କ ନିଜ ବିଭାଗର ଜିଲ୍ଲାସ୍ତରୀୟ ମୁଖ୍ୟ ଅଟନ୍ତି ।

## ୧୮.୪.୧ ଜିଲ୍ଲାପାଳ

ଜିଲ୍ଲାପାଳ ସମୁଦାୟ ଜିଲ୍ଲାର ଶାସନ ଦାୟିତ୍ୱରେ ଥାଆନ୍ତି । ଏହି ପଦକୁ ମଧ୍ୟ "ଡେପୁଟି କମିଶନର", "ଜିଲ୍ଲା କଲେକ୍ଟର" କିମ୍ବା "ଉପାୟୁକ୍ତ" ନାମରେ ନାମିତ କରାଯାଇଛି । ସେ ଭାରତୀୟ ପ୍ରଶାସନ ସେବା (IAS) ପଦର ଅନ୍ତର୍ଭୁକ୍ତ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଜିଲ୍ଲା ପ୍ରଶାସନର ଦାୟିତ୍ୱ । ସ୍ୱାଧୀନତା ପରେ କେବଳ ଖଜଣା ଓ ଟିକସ ଆଦାୟ କରିବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଜିଲ୍ଲା ପ୍ରଶାସନର ଦାୟିତ୍ୱ ନୁହେଁ, ଜିଲ୍ଲାର କଲ୍ୟାଣ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ କରିବା ମଧ୍ୟ ଏହାର ଦାୟିତ୍ୱ ।

ବହୁ କାଳରୁ ପ୍ରଶାସନର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା (Unit) ଭାବରେ ଜିଲ୍ଲା କାର୍ଯ୍ୟ କରିଆସୁଛି । ଇଂରେଜ ଔପନିବେଶିକ ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା ଓ ଖଜଣା ଆଦାୟ କରିବା ଏହାର ମୁଖ୍ୟ ଦାୟିତ୍ୱ ଥିଲା । କିନ୍ତୁ ବର୍ତ୍ତମାନ ରାଜ୍ୟ ପ୍ରଶାସନର ବିକେନ୍ଦ୍ରୀକରଣ ହୋଇଛି ଏବଂ ଜିଲ୍ଲା ପ୍ରଶାସନ ବହୁମୁଖୀ କାର୍ଯ୍ୟ ସମ୍ପାଦନ କରୁଛି । ତେଣୁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ମୁଖ୍ୟ କ୍ଷମତା ଓ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କର ମୁଖ୍ୟ କାର୍ଯ୍ୟଗୁଡିକ ହେଉଛି,

୧. ଆଇନ ଶୃଙ୍ଖଳା ରକ୍ଷା କରିବା ଓ ଜିଲ୍ଲାରେ ଶାନ୍ତି ରକ୍ଷା କରିବା ।

୨. ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ।

୩. ରାଜ୍ୟ ସରକାର ଓ ଜିଲ୍ଲା ସ୍ତରୀୟ ଅନୁଷ୍ଠାନ ଓ କାର୍ଯ୍ୟାଳୟଗୁଡିକ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା ପାଇଁ କାର୍ଯ୍ୟ କରିବା ।

୪. ବିଭିନ୍ନ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ଭୂମି ପରିଚାଳନା, ପୋଲିସ, ଜେଲ ଓ ସାଂସ୍କୃତିକ ମଧ୍ୟରେ ରକ୍ଷା କରିବା ।

୫. ଜରୁରୀକାଳୀନ ଅବସ୍ଥା ଓ ପ୍ରାକୃତିକ ବିପର୍ଯ୍ୟୟ ଓ ରିଲିଫ୍ କାର୍ଯ୍ୟ ପରିଚାଳନା ସମୟରେ ଯଥେଷ୍ଟ ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ।

୬. ଲୋକସଭା, ବିଧାନସଭା, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଓ ପୌରସଂସ୍ଥା ପ୍ରଭୃତିର ପ୍ରତିନିଧି ନିର୍ବାଚନ ସମୟରେ ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା କରିବା

୭. ଖଜଣା ଓ ଅନ୍ୟାନ୍ୟ ଟିକସ ଆଦାୟ

୮. ବିଚାର ବିଭାଗୀୟ କାର୍ଯ୍ୟ ସମ୍ପାଦନ ଓ ବିଭିନ୍ନ ବିବାଦର ସମାଧାନ ଏବଂ ଦଣ୍ଡ ଓ ଜୋରିମାନା ବସାଇବା

୯. ଲୋକମାନଙ୍କର ଅଭିଯୋଗ ଶୁଣିବା ଓ ତାକୁ ସୁଧାରିବା

## ୧୮.୪.୨ ସବ୍‌ଡିଭିଜନ ଅଧିକାରୀ

ଉନ୍ନତ ଶାସନ ପାଇଁ ପ୍ରତ୍ୟେକ ଜିଲ୍ଲା କେତୋଟି ଛୋଟ ଛୋଟ ଭାଗରେ ବିଭକ୍ତ ହୋଇଛି, ଯାହାକୁ ସବ୍‌ଡିଭିଜନ କୁହାଯାଏ । ଯଦିଓ ଜିଲ୍ଲାର ସବ୍‌ଡିଭିଜନ ଗୁଡିକ ଜିଲ୍ଲାପାଳଙ୍କ ଅଧିନରେ ଥାଏ, କିନ୍ତୁ ଜଣେ ସବ୍‌ଡିଭିଜନ ଅଧିକାରୀ (SDO) ସବ୍‌ଡିଭିଜନର ଦାୟିତ୍ୱରେ ଥାଆନ୍ତି । (SDO), ଜିଲ୍ଲାପାଳଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରନ୍ତି ଏବଂ ତାଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ କରନ୍ତି । (SDO), ଭାରତୀୟ ପ୍ରଶାସନିକ ସେବା (IAS) ବା ରାଜ୍ୟ ପ୍ରଶାସନିକ ସେବା ସ୍ତରର ଜଣେ ଅଧିକାରୀ । ସେ ଜମିଜମାର ରେକର୍ଡ ରଖନ୍ତି ଓ ଖଜଣା ଆଦାୟ କରନ୍ତି । ଯୁଦ୍ଧ ସରଞ୍ଜାମ, ବନ୍ଧୁକ ଓ ପିସ୍ତଲର ଲାଇସେନ୍‌ସ ପ୍ରଦାନର କ୍ଷମତା ତାଙ୍କର ଅଛି । ସେ ମଧ୍ୟ ଡ୍ରାଇଭିଂ ଲାଇସେନ୍ସ, ବାସସ୍ଥାନ ପ୍ରମାଣପତ୍ର, ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆ ବର୍ଗମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବାକୁ କ୍ଷମତା ପ୍ରାପ୍ତ ।

## ୧୮.୪.୩ ବ୍ଲକ ଉନ୍ନୟନ ଅଧିକାରୀ (BDO)

ବ୍ଲକ ହେଉଛି ସବୁଠାରୁ ତଳସ୍ତରର ପ୍ରଶାସନିକ ସଂସ୍ଥା । ବ୍ଲକର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବ୍ଲକ ଉନ୍ନୟନ ଅଧିକାରୀ ବା (BDO) କହନ୍ତି । ସେ ରାଜ୍ୟ ପ୍ରଶାସନିକ ସେବା ଶ୍ରେଣୀର ଅଧିକାରୀ ଓ ସେ ବ୍ଲକର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ତଦାରଖ କରନ୍ତି । (BDO) ଙ୍କର ମଧ୍ୟ ସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ସହ ସମ୍ପର୍କ ରହିଛି କାରଣ ସେ ପଞ୍ଚାୟତ ସମିତିର Ex-Officio ସେକ୍ରେଟାରୀ ଏବଂ ସେ ସମସ୍ତ ସଭା (meeting) ର ରେକର୍ଡ ରଖନ୍ତି, ବଜେଟ ତିଆରି କରନ୍ତି, ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରନ୍ତି ।

### କାର୍ଯ୍ୟ ୧୮.୫

ତୁମ ଜିଲ୍ଲାର ଜିଲ୍ଲାପାଳ ନିମ୍ନଲିଖିତ କାର୍ଯ୍ୟଗୁଡିକ କରିବା ପାଇଁ ବିଚାର କରୁଛନ୍ତି । ତୁମେ କେଉଁ କାର୍ଯ୍ୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ କେଉଁ କାର୍ଯ୍ୟକୁ କମ୍ ଗୁରୁତ୍ୱପୂର୍ଣ୍ଣ ଭାବୁଛ ସେହି ଅନୁସାରେ ଗୁରତ୍ୱ ଭିତ୍ତିରେ ସଜାଅ ।

| କ୍ରମିକ ନମ୍ବର | କାର୍ଯ୍ୟ | ଗୁରୁତ୍ୱ ୧ରୁ ୧୦ |
|---|---|---|
| ୧. | ଜିଲ୍ଲାରେ ନୂଆ ସିନେମା ହଲ ନିର୍ମାଣ | |
| ୨. | ରାସ୍ତାର ଉନ୍ନତି କରଣ | |
| ୩. | ସ୍ୱାସ୍ଥ୍ୟ ସେବାର ଉନ୍ନତି | |
| ୪. | ହରିଜନ, ଆଦିବାସୀ ଓ ଅନ୍ୟ ପଛୁଆ ଜାତିଙ୍କ ଉନ୍ନତି ପାଇଁ ନୂତନ ଯୋଜନା | |
| ୫. | ପୌର କାର୍ଯ୍ୟାଳୟର ନବୀକରଣ | |
| ୬. | ସ୍ଥାନୀୟ ପୌର ଚିକିତ୍ସାଳୟରେ ଅଧିକ ଡାକ୍ତର ନିଯୁକ୍ତି । | |
| ୭. | ଭୋଟର ତାଲିକା ସଂଶୋଧନ | |
| ୮. | ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି କରଣ | |
| ୯. | ପୌର ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି | |
| ୧୦. | ଅଗ୍ନି, ମରୁଡି, ପ୍ରଭୃତି ଭଳି ବିପଦ ପାଇଁ ବିଶେଷଜ୍ଞଙ୍କୁ ଡାକି ତ୍ୱରିତ ଯୋଜନା ପ୍ରସ୍ତୁତ କରିବା । | |

*ସୂଚନା:* ଯେତେବେଳେ ଗୁରୁତ୍ୱ ପ୍ରଦାନ କରୁଛ, ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଦେଉଥିବା ନମ୍ବରର ଯୁକ୍ତିଯୁକ୍ତତା ଦର୍ଶାଅ ।

## ୧୮.୫ ସୁଯୋଗ ଓ ପ୍ରତିଦ୍ୱନ୍ଦ୍ୱିତା

ଉପରୋକ୍ତ ତଥ୍ୟ ଦୃଷ୍ଟିରୁ ତୁମେ କଣ ଏକ ମତ ନୁହେଁ ଯେ, ଗ୍ରାମ ଓ ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନଗୁଡିକ ସିଦ୍ଧାନ୍ତ ଗ୍ରହଣ ପଦ୍ଧତିରେ ଦକ୍ଷତାର ସହ ଅଂଶ ଗ୍ରହଣ କରିବା ପାଇଁ ପ୍ରତ୍ୟେକ ନାଗରିକକୁ ସୁଯୋଗ ଦିଏ । ନାଗରିକମାନଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରି ନେତୃତ୍ୱ ଗୁଣ ଆହରଣ ପାଇଁ ସକ୍ଷମ କରିବାକୁ ଏହା ହେଉଛି ସର୍ବଶ୍ରେଷ୍ଠ ଅନୁଷ୍ଠାନ । ଯେତେବେଳେ ନାଗରିକମାନେ ଅଂଶଗ୍ରହଣ କରନ୍ତି, ସେମାନେ ନିଜର ଓ ଅନ୍ୟମାନଙ୍କର ସ୍ୱାର୍ଥ ଓ ସମସ୍ୟା ଅନୁଭବ କରନ୍ତି ଓ ସପକ୍ଷରେ ଯୁକ୍ତି କରିବା ପାଇଁ ଶିକ୍ଷା କରନ୍ତି ।

ଯେହେତୁ ଏହି ସ୍ଥାନୀୟ ଅନୁଷ୍ଠାନଗୁଡିକ ଲୋକଙ୍କ ପାଇଁ ନିକଟତର, ତେଣୁ ସେମାନଙ୍କର ସହଜ ପ୍ରବେଶ ଥାଏ ଓ ସେମାନେ ବ୍ୟକ୍ତିଗତ ଉଦ୍ୟମ ଓ ନିଜର ହସ୍ତକ୍ଷେପ ଦ୍ୱାରା ଆବଶ୍ୟକ ସମାଧାନ କରିବାକୁ ଚେଷ୍ଟା କରନ୍ତି । ମହିଳାମାନେ ସବୁଠାରୁ ବେଶୀ ସୁବିଧା ପାଆନ୍ତି । ସ୍ଥାନ ସଂରକ୍ଷଣ ଯୋଗୁଁ ଅଧିକ ସଂଖ୍ୟାରେ ମହିଳା ଏହି ଅନୁଷ୍ଠାନ ପରିଚାଳନାରେ ଅଂଶ ଗ୍ରହଣ କରନ୍ତି । ମହିଳାମାନଙ୍କୁ ଅଧିକ କ୍ଷମତା ଦେଇ ନିଜର ଦକ୍ଷତା ପ୍ରଦର୍ଶନର ସୁଯୋଗ ପ୍ରଦାନ କରିବା ପାଇଁ ଏହା ଏକ ଉତ୍ତମ ବାଟ ।

ଅନ୍ୟ ପକ୍ଷରେ ଏହି ସ୍ଥାନୀୟ ସ୍ୱାୟତ ଶାସନ ଅନୁଷ୍ଠାନଗୁଡିକ ଅନେକ ବାଧାର ସମ୍ମୁଖୀନ ହୋଇଥାଏ । ଏହା ଲୋକମାନଙ୍କର ନିକଟତର ହୋଇଥିବାରୁ, ଏହି ଅନୁଷ୍ଠାନଗୁଡିକ ଲୋକମାନଙ୍କର ଆଶା ଆକାଂକ୍ଷାକୁ ବହୁତ ବଢାଇ ଦିଏ, ଯାହା ପୂରଣ କରିବା ପାଇଁ ସମ୍ଭବ ହୁଏ ନାହିଁ । ଏହି ପରିସ୍ଥିତି ବହୁ ସମୟରେ କଳହ ଓ ମତପାର୍ଥକ୍ୟ ସୃଷ୍ଟି କରେ । ଏହି ରାଜନୈତିକ ପଦ୍ଧତିର ଗୁଣାତ୍ମକ ଯୋଗଦାନ କେତେକ କାରଣ ଯୋଗୁଁ ସମ୍ଭବ ନୁହେଁ । ସେଗୁଡିକ ହେଉଛି ଦାରିଦ୍ର୍ୟ, ନିରକ୍ଷରତା, ସାମାଜିକ ଅସମତା, ଏବଂ ରାଜନୀତିକୁ ଅପରାଧିକରଣ ପ୍ରଭୃତି । ଜାତିପ୍ରଥା, ସାମ୍ପ୍ରଦାୟିକତା ମଧ ସମସ୍ୟା ସୃଷ୍ଟି କରେ । କ୍ରମବର୍ଦ୍ଧିଷ୍ଣୁ ଦୁର୍ନୀତି, ବେନିୟମକାର୍ଯ୍ୟ ସ୍ଥାନୀୟ ଅନୁଷ୍ଠାନର ଦକ୍ଷତାର ସହ କାର୍ଯ୍ୟକରିବାରେ ପ୍ରଧାନ ବାଧକ ।

## ପାଠଗତ ପ୍ରଶ୍ନାବଳୀ ୧୮.୪

୧. ଶାସନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ଗୁରତ୍ୱ ପରୀକ୍ଷା କର ।

୨. ଜିଲ୍ଲାପାଳଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ କଣ ?

୩. ସ୍ଥାନୀୟ ଅନୁଷ୍ଠାନଗୁଡିକ ନାଗରିକମାନଙ୍କୁ କି ସୁଯୋଗ ପ୍ରଦାନ କରିଥାନ୍ତି ? ସ୍ଥାନୀୟ ଅନୁଷ୍ଠାନ ପାଇଁ ସବୁଠାରୁ ବଡ ପ୍ରତିବନ୍ଧକ କଣ ?

## ତୁମେ କଣ ଶିଖିଲ

- ସ୍ଥାନୀୟ ସ୍ୱାୟତ ଶାସନ ଭାରତରେ ତୃତୀୟସ୍ତର । ପ୍ରଥମ ଓ ଦ୍ୱିତୀୟ ସ୍ତର ହେଉଛି, କେନ୍ଦ୍ରସରକାର ଓ ରାଜ୍ୟ ସରକାର । ଦୁଇଟି ଶ୍ରେଣୀର ସ୍ଥାନୀୟ ସରକାରୀ ଅନୁଷ୍ଠାନ ଅଛି, ଗୋଟିଏ ଗ୍ରାମାଞ୍ଚଳ ପାଇଁ ଓ ଅନ୍ୟଟି ସହରାଞ୍ଚଳ ପାଇଁ । ପଞ୍ଚାୟତରାଜ ବ୍ୟବସ୍ଥା ଗ୍ରାମାଞ୍ଚଳ ପାଇଁ ଓ ପୌର ନିଗମ, ପୌର ପରିଷଦ ଓ ନଗର ପଞ୍ଚାୟତ ସହରାଞ୍ଚଳ ପାଇଁ ।

- ଯଦିଓ ଗ୍ରାମପଞ୍ଚାୟତ ପ୍ରତିଷ୍ଠା ରଷ୍ଟ୍ରୀୟ ରଷ୍ଟ୍ରନୀତି ନିର୍ଦ୍ଦେଶାବଳୀରେ ନିର୍ଦ୍ଦେଶ ଦିଆଯାଇଥିଲା, ୧୯୯୨ ମସିହାରେ ସଂସଦ ଦ୍ୱାରା ପାରିତ ହୋଇଥିବା ସମ୍ବିଧାନର ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଏହାକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କଲା ।
- ଏହି ସଂଶୋଧନରେ ନିର୍ଦ୍ଦେଶ ଦିଆଗଲା ଯେ, ସବୁ ରାଜ୍ୟସରକାର ସ୍ଥାନୀୟ ସରକାରୀ ଅନୁଷ୍ଠାନ ଗଠନ କରିବେ ଓ ସେମାନେ ନିରବଚ୍ଛିନ୍ନ ଭାବରେ ଦକ୍ଷତାର ସହ କାର୍ଯ୍ୟ କରିବେ । ହରିଜନ, ଆଦିବାସୀ, ଓ ଅନ୍ୟ ଦୁର୍ବଳ ଶ୍ରେଣୀ ପାଇଁ ସ୍ଥାନ ସଂରକ୍ଷଣ କରିବା ସହିତ ଏହି ଆଇନରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇ ତାଙ୍କର କ୍ଷମତା ବୃଦ୍ଧି କରିଛି ।
- ପଞ୍ଚାୟତରାଜ ବ୍ୟବସ୍ଥା ଗୋଟିଏ ତ୍ରିସ୍ତରୀୟ ବ୍ୟବସ୍ଥା ଯେଉଁଥିରେ ଗ୍ରାମପଞ୍ଚାୟତ ଗ୍ରାମ ସ୍ତରରେ, ପଞ୍ଚାୟତ ସମିତି ମାଧ୍ୟମିକ ବା ବ୍ଲକ ସ୍ତରରେ ଓ ଜିଲ୍ଲା ପରିଷଦ ଜିଲ୍ଲା ସ୍ତରର ରହିଛି । ଏହି ଅନୁଷ୍ଠାନରଗୁଡିକ ନିଜ ଅଞ୍ଚଳ ଲୋକମାନଙ୍କର କଲ୍ୟାଣ ଓ ସାମାଜିକ, ଆର୍ଥିକ ବିକାଶ ପାଇଁ କାର୍ଯ୍ୟ କରନ୍ତି । ସେମାନେ ମଧ୍ୟ ମୌଳିକ ସୁବିଧା ଯଥା ବିପଦମୁକ୍ତ ପାନୀୟ ଜଳ, ପରିଚ୍ଛନ୍ନତା, ଡାକ୍ତରଖାନା, ରାସ୍ତାନିର୍ମାଣ, ପ୍ରାଥମିକ ବିଦ୍ୟାଳୟ, ଜରାନିବାସ, ଏବଂ ଅନ୍ୟାନ୍ୟ ସ୍ଥାନୀୟ ଆବଶ୍ୟକତା ଯୋଗାଇ ଦିଅନ୍ତି ।
- ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନଗୁଡିକ ହେଉଛି, ବୃହତ୍ ସହର ପାଇଁ ପୌରନିଗମ, ଛୋଟ ସହର ପାଇଁ ପୌରପରିଷଦ, ଏବଂ ଗ୍ରାମ ଓ ସହର ମଧ୍ୟବର୍ତ୍ତୀ ଅଞ୍ଚଳ ପାଇଁ ନଗର ପଞ୍ଚାୟତ ଯାହାକି ୧୯୯୨ ମସିହାର ୭୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା ବିଶେଷ କ୍ଷମତାଶାଳୀ ହୋଇପାରିଛି । ପଞ୍ଚାୟତରାଜ ଅନୁଷ୍ଠାନ ଭଳି ସେମାନଙ୍କର ମଧ୍ୟ ହରିଜନ, ଆଦିବାସୀ ଓ ଅନ୍ୟ ଦୁର୍ବଳ ଶ୍ରେଣୀ ଓ ମହିଳାମାଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିଛି ।
- ଏହି ସ୍ଥାନୀୟ ଅନୁଷ୍ଠାନଗୁଡିକ ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦିଅନ୍ତି । ନିର୍ମାଣର ଉନ୍ନତି ଓ ରକ୍ଷଣାବେକ୍ଷଣ, ଉନ୍ନତିମୂଳକ କାର୍ଯ୍ୟ ପରିଚାଳନା, ନିଜ ଅଞ୍ଚଳର ଲୋକମାନଙ୍କର ସୁବିଧା ପ୍ରତି ଦୃଷ୍ଟିଦେବା ।
- ଉଭୟ ଗ୍ରାମ୍ୟ ଓ ସହର ସ୍ଥାନୀୟ ଅନୁଷ୍ଠାନଗୁଡିକ ଲୋକମାନଙ୍କର ଅତିନିକଟତର ଏବଂ ମୌଳିକ ଗଣତାନ୍ତ୍ରିକ ଅନୁଷ୍ଠାନ ଭଳି କାର୍ଯ୍ୟ କରନ୍ତି । ସେମାନେ ଲୋକମାନଙ୍କୁ ସିଦ୍ଧାନ୍ତ ପ୍ରଣୟନ ପଦ୍ଧତିରେ ଅଂଶଗ୍ରହଣ କରିବାର ସୁଯୋଗ ଦିଅନ୍ତି । ସେମାନଙ୍କର ମଧ୍ୟ କେତେକ ବାଧା ରହିଛି ଯଥା – ଜାତିବାଦ, ଦୁର୍ନୀତି, ଆବଶ୍ୟକୀୟ ଅର୍ଥର ଅଭାବ, ଓ ଲୋକମାନଙ୍କ ଅସହଯୋଗ ମନୋଭାବ ପ୍ରଭୃତି ।
- ଜିଲ୍ଲା ପ୍ରଶାସନ ମୁଖ୍ୟ ହେଉଛନ୍ତି ଜିଲ୍ଲାପାଳ । ଏହା କେବଳ ପ୍ରଚଳିତ କାର୍ଯ୍ୟ, ଆଇନଶୃଙ୍ଖଳା ରକ୍ଷା ଓ ଖଜଣା ଆଦାୟ କରେନାହିଁ, ସେ କେତେକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ମୂଳକ କାର୍ଯ୍ୟକରେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଉନ୍ନତି ମୂଳକ ଓ ଜନହିତକର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ଏହା ହେଉଛି ପ୍ରକୃତ କାର୍ଯ୍ୟନିର୍ବାହୀ ଉପାଦାନ ।

## ବିଭାଗୀୟ ପ୍ରଶ୍ନାବଳୀ

୧. ସ୍ଥାନୀୟ ସରକାର ଗୁରୁତ୍ୱପୂର୍ଣ୍ଣ କାହିଁକି ?

୨. ପଞ୍ଚାୟତରାଜ ଅନୁଷ୍ଠାନର ଗଠନ ଓ କାର୍ଯ୍ୟ ବର୍ଣ୍ଣନା କର ଓ ତାର କାର୍ଯ୍ୟ ପରୀକ୍ଷା କର ।

୩. ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନର ଗଠନ ଓ କାର୍ଯ୍ୟ ସଂକ୍ଷେପରେ ବର୍ଣ୍ଣନା କର ।

୪. ୧୯୯୨ର ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ପଞ୍ଚାୟତରାଜ ବ୍ୟବସ୍ଥା ଓ ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନର ଗଠନ ଓ କାର୍ଯ୍ୟରେ କେଉଁ ମୁଖ୍ୟ ପରିବର୍ତ୍ତନମାନ ଆଣିଲା ?

୫. ତୁମେ କଣ ଭାବୁଛ, ୧୯୯୨ର ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ପ୍ରକୃତରେ ମହିଳାମାନଙ୍କର କ୍ଷମତା ବୃଦ୍ଧି କରିଛି କି ?

୬. ଜଣେ ବିଧବା ତାଙ୍କର ଦୁଇଟି ସନ୍ତାନଙ୍କ ସହିତ ଗୋଟିଏ ଗାଁରେ ପାରିବାରିକ ସାହାଯ୍ୟକାରିଣୀ କାର୍ଯ୍ୟ କରୁଛନ୍ତି । ସେ ତାଙ୍କ ସନ୍ତାନମାନଙ୍କୁ ଶିକ୍ଷିତ କରିବାକୁ ଇଚ୍ଛା କରନ୍ତି କିନ୍ତୁ ତାହା କରିପାରୁନାହାନ୍ତି । ଦୁଇଟି ପନ୍ଥା ସ୍ଥିର କର ଯାହା ଦ୍ୱାରା ଗ୍ରାମପଞ୍ଚାୟତର ସରପଞ୍ଚ, ତାଙ୍କର ପିଲାମାନେ ଓ ସେଭଳି ଅନ୍ୟ ପିଲାମାନେ ଶିକ୍ଷା ପାଇବେ ବୋଲି ତାଙ୍କୁ ଭରସା ଦେଇପାରିବେ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

### ୧୮.୧

୧. ସ୍ଥାନୀୟ ସରକାର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ସରକାର ।

ସ୍ଥାନୀୟ ସ୍ୱାୟତ ଶାସନ ଅନୁଷ୍ଠାନଗୁଡିକ ସ୍ଥାନୀୟଅଞ୍ଚଳର ଉନ୍ନତି ଓ ସାମାଜିକ ନ୍ୟାୟ କାର୍ଯ୍ୟରେ ଯୋଗଦାନ ଓ ସାହାଯ୍ୟ କରିବା ପାଇଁ ସାଧାରଣ ଲୋକମାନଙ୍କୁ ସ୍ଥାନ ଦେଇଥାଏ ।

ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଉପଯୁକ୍ତ ସ୍ଥାନ ଯୋଗାଏ ଓ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମାଧାନର ପନ୍ଥା ବାହାର କରେ । ସ୍ଥାନୀୟ ସରକାର ପ୍ରକୃତପକ୍ଷେ ମୌଳିକ ସ୍ତରରେ କାର୍ଯ୍ୟ କରୁଥିବା ଏକ ସରକାର ।

୨. ପଞ୍ଚାୟତରାଜ ପଦ୍ଧତି ପୂର୍ବକାଳରେ ଆମ ଦେଶରେ କାର୍ଯ୍ୟ କରୁଥିଲା । ପୂର୍ବରୁ ଏହାକୁ ପଞ୍ଚାୟତ କୁହାଯାଉଥିଲା । ବିରଦାରିମାନେ ବା ଅନ୍ୟକୌଣସି ନାମରେ ସାଧାରଣତଃ ଗାଁର ମୁଖିଆମାନେ ଏହାର ମୁଖ୍ୟ ଥିଲେ । ସମ୍ବିଧାନର ୭୩ତମ ସଂଶୋଧନ ଦ୍ୱାରା ଏହାକୁ ସାମ୍ବିଧାନିକ ମର୍ଯ୍ୟାଦା ପାଇଲା ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ହେଲା ।

୩. ତୁମ ଅଞ୍ଚଳର ସ୍ଥାନୀୟ ସରକାର ଅନୁଷ୍ଠାନଗୁଡିକ ବାହାର କର ଏବଂ ସେମାନଙ୍କ ନାମ ଲେଖ ।

୪. ସ୍ଥାନୀୟ ସରକାର ଜଳଯୋଗାଣ, ଦୂଷିତ ଜଳ ନିଷ୍କାସନ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା ପ୍ରଭୃତି ଯୋଗାଇ ଦିଅନ୍ତି । ତେଣୁ ତୁମର ଗୁଣାତ୍ମକ ଜୀବନକୁ ବିଶେଷ ପ୍ରଭାବିତ କରେ ।

୫. (କ) ତ୍ରିସ୍ତରୀୟ ପଞ୍ଚାୟତରାଜ ପ୍ରତିଷ୍ଠା

(ଖ) ଜିଲ୍ଲା ପାଇଁ ଉନ୍ନତିମୂଳକ ଯୋଜନା ପ୍ରସ୍ତୁତ ପାଇଁ ଜିଲ୍ଲା ଯୋଜନା ପରିଷଦଗଠନ

(ଗ) ଗ୍ରାମସଭା ପ୍ରତିଷ୍ଠା ଓ ଗ୍ରାମସ୍ତରରେ ସିଦ୍ଧାନ୍ତ ଗ୍ରହଣକାରୀ ସଂସ୍ଥା ରୂପେ କ୍ଷମତା ପ୍ରଦାନ ।

(ଘ) ହରିଜନ, ଆଦିବାସୀ ଓ ମହିଳାମାନଙ୍କୁ ସ୍ଥାନ ସରଂକ୍ଷଣ ପ୍ରଦାନ କରି ଆଇନ ତାଙ୍କୁ ସ୍ଥାନୀୟ ସରକାରରେ ସିଦ୍ଧାନ୍ତ ଗ୍ରହଣ ପଦ୍ଧତିରେ ଅଂଶ ଗ୍ରହଣ କରିବାର ସୁବିଧା ଦେଇଛି । ତେଣୁ ସେମାନଙ୍କୁ କ୍ଷମତା ପ୍ରଦନ କରିଛି ।

(ଙ) ରାଜ୍ୟ ଅର୍ଥକମିଶନ, ରାଜ୍ୟ ନିର୍ବାଚନ କମିଶନ ପ୍ରତିଷ୍ଠା

## ୧୮.୨

୧. ଗ୍ରାମପଞ୍ଚାୟତ, ପଞ୍ଚାୟତରାଜ ପଦ୍ଧତିର ମୌଳିକ ଅନୁଷ୍ଠାନ । ପଞ୍ଚାୟତରେ ଏକ ତୃତୀୟାଂଶ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷିତ । ହରିଜନ ଓ ଆଦିବାସୀମାନଙ୍କ ପାଇଁ ମଧ୍ୟ ସ୍ଥାନ ସଂରକ୍ଷିତ । ପଞ୍ଚାୟତରେ ଜଣେ ସରପଞ୍ଚ (ମୁଖିଆ) ଥାଆନ୍ତି ଯେ, ଗାଁର ପ୍ରତ୍ୟେକ ଭୋଟରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି । ପଞ୍ଚାୟତର ପଞ୍ଚମାନେ ଥାଆନ୍ତି ଓ ଉପସଭାପତି ପଞ୍ଚାୟତର ସଭ୍ୟଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ।

୨. ଗ୍ରାମପଞ୍ଚାୟତର ୩ଟି କାର୍ଯ୍ୟ

(୧) ବିପଦମୁକ୍ତ ପାନୀୟ ଜଳ ବ୍ୟବସ୍ଥା

(୨) ରାସ୍ତା ନିର୍ମାଣ

(୩) ଭଲ ଜଳ ନିଷ୍କାସନ ବ୍ୟବସ୍ଥା ପରିଚାଳନା

ଇଚ୍ଛାଧିନ କାର୍ଯ୍ୟ ହେଉଛି କେତେକ କାର୍ଯ୍ୟ ଯାହା ପଞ୍ଚାୟତ କରିପାରି ବା ନ କରିପାରେ । ଯଦି ପଞ୍ଚାୟତ ପାଖରେ ଅର୍ଥ ଥାଏ ସେ ଏ କାର୍ଯ୍ୟ କରିପାରେ । ଏଗୁଡିକ ହେଉଛି ବୃକ୍ଷରୋପଣ, ଗୋମେଷାଦି ପଶୁମାନଙ୍କ ପାଇଁ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ, କ୍ରୀଡା ପାଇଁ ଖେଳପଡିଆ ପ୍ରସ୍ତୁତ ଓ ରକ୍ଷଣାବେକ୍ଷଣ, ପାଠାଗାର ପ୍ରତିଷ୍ଠା ଓ ପରିଚାଳନା ।

୩. ପଞ୍ଚାୟତର ଆୟର ଉତ୍ସ –

(୧) ସମ୍ପତ୍ତି, ଜମି, ଜିନିଷପତ୍ର ଓ ଗୋମେଷାଦିପଶୁଙ୍କ ଉପରେ ଟିକସ

(୨) ବିବାହ ମଣ୍ଡପ କିମ୍ବା ପଞ୍ଚାୟତର ଅନ୍ୟ କୌଣସି ସମ୍ପତ୍ତିରୁ ଭଡା ଆଦାୟ

(୩) ଦୋଷୀଙ୍କ ଠାରୁ ବିଭିନ୍ନ ପ୍ରକାର ଜୋରିମାନା ଆଦାୟ ।

(୪) ରାଜ୍ୟସରକାରଙ୍କ ଦ୍ୱାରା ଆଦାୟ ହେଉଥିବା ଖଜଣାର ଏକ ଅଂଶ ପଞ୍ଚାୟତକୁ ଦିଆଯାଏ ।

(୫) ଗ୍ରାମବାସୀଙ୍କ ଠାରୁ କୌଣସି ସାଧାରଣ କାର୍ଯ୍ୟପାଇଁ ଆଦାୟ ହେଉଥିବା ସାହାଯ୍ୟ

(୬) ରାଜ୍ୟ ଓ କେନ୍ଦ୍ର ସରକାରରୁ ଅନୁଦାନ

୪. ବିଭିନ୍ନ ଉତ୍ସରୁ ସୂଚନା ସଂଗ୍ରହ କରି ଉତ୍ତର ଲେଖ ।

୫. ପ୍ରଶ୍ନରେ ଲେଖାଯାଇଥିବା ଉତ୍ସରୁ ଖବର ସଂଗ୍ରହ କର ।

## ୧୮.୩

୧. ସ୍ୱାଧୀନତା ପରେ ଚାରିପ୍ରକାରର ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନ କାର୍ଯ୍ୟକରୁଥିଲା ।

(୧) ପୌରନିଗମ (୨) ପୌରସଂସ୍ଥା (୩) ସହରାଞ୍ଚଳ ପରିଷଦ ଏବଂ (୪) ବିଜ୍ଞପିତ ଅଞ୍ଚଳ ପରିଷଦ । କିନ୍ତୁ ୧୯୯୨ ମସିହାର ୭୪ ତମ ସମ୍ବିଧାନ ସଂଶୋଧନ ସହରାଞ୍ଚଳ ସ୍ଥାନୀୟ ସରକାରର କେତେକ ମୁଖ୍ୟ ପରିବର୍ତ୍ତନ ଆଣିଲା । ବର୍ତ୍ତମାନ ତିନି ପ୍ରକାର ସହରାଞ୍ଚଳ ସ୍ଥାନୀୟ

ସରକାର କାର୍ଯ୍ୟ କରୁଛି ଯଥା (କ) ପୌର ନିଗମ ବୃହତ୍ତ ନଗରରେ (ଖ) ଛୋଟ ସହରରେ ପୌର ପରିଷଦ (ଗ) ମଫସଲ ଓ ସହର ମଧ୍ୟବର୍ତ୍ତୀ ଅଞ୍ଚଳରେ ନଗର ପଞ୍ଚାୟତ ।

୨. ଏହି କାର୍ଯ୍ୟଗୁଡିକ ବିଶେଷ ମହତ୍ୱପୂର୍ଣ୍ଣ କାରଣ ସେଗୁଡିକ ନାଗରିକମାନଙ୍କ ଜୀବନଧାରଣର ମାନ ଉନ୍ନତ କରିଥାଏ । ସ୍ୱାସ୍ଥ୍ୟ, ଜଳଯୋଗାଣ, ବିଦ୍ୟୁତ ଶକ୍ତି ସବୁ ଲୋକଙ୍କ ଜୀବନରେ ବିଶେଷ ଦରକାରୀ । ନଗରର ପରିଚ୍ଛନ୍ନତା, ଡାକ୍ତରଖାନା ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳ ପ୍ରଭୃତି ଦ୍ୱାରା ପୌରନିଗମ ନାଗରିକମାନଙ୍କର ଜୀବନର ମାନବୃଦ୍ଧି ପାଇଁ ସାହାଯ୍ୟ କରେ ।

୩. (କ) ଟିକସରୁ ଆୟ -ଘର ଟିକସ, ପ୍ରମୋଦକର, ହୋର୍ଡିଂ ପ୍ରଭୃତି ଉପରେ ଟିକସ

(ଖ) ରାଜ୍ୟ ଓ କେନ୍ଦ୍ରସରକାରୀ ଅନୁଦାନ

(ଗ) ଭଡାରୁ ଆୟ - ପୌରନିଗମ ତାର ସମ୍ପତ୍ତିକୁ ଯଥା ଦୋକାନ, କିଓସ୍କ, କମ୍ୟୁନିଟିହଲ ପ୍ରଭୃତିକୁ ଭଡା ଦିଏ ।

(ଘ) ଅନ୍ୟାନ୍ୟଦେୟ ଯଥା - ପ୍ରବେଶକର, ସ୍ୱରେଜ ଦେୟ, ଜଳ ଓ ବିଦ୍ୟୁତ ଦେୟ ପ୍ରଭୃତି ।

୪. ତୁମେ ନିଜେ ଯାହା ବୁଝୁଛ ଲେଖ । ସହରାଞ୍ଚଳ ସ୍ଥାନୀୟ ଅନୁଷ୍ଠାନଗୁଡିକର କାର୍ଯ୍ୟ ଓ ନାଗରିକମାନେ ସ୍ଥାନୀୟ ସରକାରକୁ ସାହାଯ୍ୟ କରିବା ପାଇଁ ଯେଉଁ ଦାୟିତ୍ୱ ନେଇ ପାରନ୍ତି ।

## ୧୮.୪

୧. ଜିଲ୍ଲା ପ୍ରଶାସନର ମୁଖ୍ୟ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନରେ ଅନ୍ୟ ଅଧିକାରୀମାନେ ହେଉଛନ୍ତି, ପୋଲିସ ସୁପରିଟେଣ୍ଡେଣ୍ଟ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ ଓ (SDO) ପ୍ରଭୃତି

ସବ୍‌ଡିଭିଜନ ଅଧିକାରୀ - (SDO), ଜିଲ୍ଲାପାଳଙ୍କୁ ପ୍ରଶାସନ କ୍ଷେତ୍ରରେ ସାହାଯ୍ୟ କରନ୍ତି ଓ ତାଙ୍କର ପ୍ରତିନିଧି ଭଳି କାର୍ଯ୍ୟ କରନ୍ତି । ସେ ଭୂମିର ରେକର୍ଡ ରଖନ୍ତି ଓ ଖଜଣା ଆଦାୟ କରନ୍ତି ଏବଂ ବିଭିନ୍ନ ପ୍ରମାଣ ପତ୍ର ଦେବା ଅଧିକାର ତାଙ୍କର ଅଛି, ଯଥା ବାସସ୍ଥାନ ପ୍ରମାଣ ପତ୍ର, ତଫସିଲ ଭୁକ୍ତ ଜାତି, ଜନଜାତି ଓ ପଛୁଆଶ୍ରେଣୀର ପ୍ରମାଣପତ୍ର ।

**ବ୍ଲକ ଉନ୍ନୟନ ଅଧିକାରୀ** -(BDO) ପଞ୍ଚାୟତରାଜର ମଧ୍ୟବର୍ତ୍ତୀ ସ୍ତର ସହିତ ସଂପୃକ୍ତ । ସେ ପଞ୍ଚାୟତ ସମିତିର (Ex-Officio) ସେକ୍ରେଟାରୀ । ସେ ମିଟିଂର ରେକର୍ଡ ରଖନ୍ତି, ବଜେଟ ତିଆରି କରନ୍ତି ଓ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରନ୍ତି ।

୨. ଜିଲ୍ଲାପାଳଙ୍କର ମୁଖ୍ୟ କାର୍ଯ୍ୟଗୁଡିକ ନିମ୍ନରେ ପ୍ରଦତ୍ତ ହୋଇଛି ।

(କ) ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା ଓ ଶାନ୍ତି ପ୍ରତିଷ୍ଠା

(ଖ) ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ।

(ଗ) ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ସମନ୍ୱୟ ରକ୍ଷା କରିବା । ଯଥା - ଶିକ୍ଷା, ସ୍ୱାସ୍ଥ୍ୟ, ଜନକଲ୍ୟାଣ, ଭୂମି ପରିଚାଳନା, ପୋଲିସ, ଜେଲ, ସାଂସ୍କୃତିକ ବିଭାଗ

(ଘ) ଲୋକସଭା, ବିଧାନସଭା, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ, ମ୍ୟୁନିସ୍‌ପାଲଟି ପ୍ରଭୃତି ବିଭିନ୍ନ ପ୍ରତିନିଧି ସଂସ୍ଥାକୁ ମୁକ୍ତ ଓ ଅବାଧ ନିର୍ବାଚନର ପ୍ରତିଶ୍ରୁତି ପ୍ରଦାନ ।

୩. ସ୍ଥାନୀୟ ସଂସ୍ଥାଗୁଡ଼ିକ ନାଗରିକମାନଙ୍କୁ ରାଜନୀତି ଶିକ୍ଷା ଦେଇ ନେତୃତ୍ୱ ଗୁଣ ଆହରଣ କରିବାପାଇଁ ସର୍ବୋତ୍ତମ ଅନୁଷ୍ଠାନ । ଯେତେବେଳେ ନାଗରିକମାନେ ଅଂଶ ଗ୍ରହଣ କରନ୍ତି, ସେମାନେ ନିଜର ଓ ଅନ୍ୟମାନଙ୍କର ସ୍ୱାର୍ଥ ଓ ସମସ୍ୟା ଅନୁଭବ କରନ୍ତି ଓ ସପକ୍ଷରେ ଯୁକ୍ତି କରିବା ପାଇଁ ଶିକ୍ଷା କରନ୍ତି ।

ଯେହେତୁ ଏହି ସ୍ଥାନୀୟ ସରକାରୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ପାଇଁ ନିକଟତର, ତେଣୁ ସେମାନଙ୍କର ସହଜପ୍ରବେଶ ଥାଏ ଓ ସେମାନେ ବ୍ୟକ୍ତିଗତ ଉଦ୍ୟମ ଓ ନିଜର ହସ୍ତକ୍ଷେପ ଦ୍ୱାର ଆବଶ୍ୟକ ସମାଧାନ କରିବାକୁ ଚେଷ୍ଟା କରନ୍ତି । ସ୍ଥାନୀୟ ଅନୁଷ୍ଠାନର ସଭ୍ୟଭାବରେ ମହିଳାମାନଙ୍କର ଯୋଗଦେବାର ବିଶେଷ ସୁଯୋଗ ଥାଏ ।

**ସ୍ଥାନୀୟ ସରକାରୀ ଅନୁଷ୍ଠାନଗୁଡ଼ିକ ଦକ୍ଷତାର ସହ କାର୍ଯ୍ୟ କରିବା ପାଇଁ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ -**

ଏହା ଲୋକମାନଙ୍କର ନିକଟତର ହୋଇଥିବାରୁ ଏହି ଅନୁଷ୍ଠାନଗୁଡ଼ିକ ଲୋକମାନଙ୍କର ଆଶା ଆକାଂକ୍ଷାକୁ ବହୁତ ବଢାଇଦିଏ, ଯାହା ପୂରଣ କରିବା ପାଇଁ ବିଭିନ୍ନ ବାଧା ସୃଷ୍ଟି ହୁଏ । ସେଗୁଡ଼ିକ ହେଉଛି, ଦାରିଦ୍ର୍ୟ, ନିରକ୍ଷରତା, ସାମାଜିକ ଅସମତା, ରାଜନୀତି ଅପରାଧୀ କରଣ ପ୍ରଭୃତି । ଜାତିପ୍ରଥା, ସାମ୍ପ୍ରଦାୟିକତା ମଧ୍ୟ ସମସ୍ୟା ସୃଷ୍ଟି କରେ । କ୍ରମ ବର୍ଦ୍ଧିଷ୍ଣୁ ଦୁର୍ନୀତି, ବେନିୟମ କାର୍ଯ୍ୟକ୍ରମ ପ୍ରତି ସମର୍ଥନ ସ୍ଥାନୀୟ ଅନୁଷ୍ଠାନ ଦକ୍ଷତାର ସହ କାର୍ଯ୍ୟ କରିବାରେ ପ୍ରଧାନ ବାଧକ ।